ଧରିତ୍ରୀ
DHARITRI


June 1-7, 2025 ₹ 2/-

ଧରିତ୍ରୀ DHARITRI 51 Years

ଛୁଟିଦିନ

# ଅଭାବୀ ହେଲେ ବି ମେଧାବୀ

ଭଙ୍ଗା ଚାଳିଆରେ ମୁଣ୍ଡ ଗୁଞ୍ଜି, ଓଳିଏ ଖାଇ ଦି' ଓଳି ଓପାସ ରହି ବି ଏମାନେ ସଫଳତାର ସ୍ୱପ୍ନ ଦେଖିଛନ୍ତି । ଖାଲି ସ୍ୱପ୍ନ ଦେଖିନାହାନ୍ତି ନାନା ପ୍ରତିକୂଳ ପରିସ୍ଥିତିର ସାମ୍ନା କରି କଠିନ ପରିଶ୍ରମ କରିଛନ୍ତି। ସେଇଥିପାଇଁ ତ ଶେଷରେ ସଫଳତା ଏମାନଙ୍କ ପାଦ ଚୁମିଛି । ସବୁ ସୁଖ ସୁବିଧା ପାଉଥିବା ପିଲାଙ୍କୁ ପଛରେ ପକାଇ ଟପ୍ପର ହୋଇଛନ୍ତି। ଆଉ ଗରିବ ମା' ବାପାଙ୍କ ସୁଯୋଗ୍ୟ ସନ୍ତାନ ହୋଇପାରିଛନ୍ତି....



୩
ପ୍ରଚ୍ଛଦ ପ୍ରସଙ୍ଗ

# କାମଧେନୁ ଗାଈର ବାସ୍ତୁ ମହତ୍ତ୍ୱ

**କାମଧେନୁ ଗାଈକୁ ଖୁବ୍ ପବିତ୍ର ବୋଲି କୁହାଯାଏ। ବାସ୍ତୁଶାସ୍ତ୍ରରେ ବି ଏହି ଗାଈର ମୂର୍ତ୍ତିକୁ ଘରେ ରଖିବା ଖୁବ୍ ଶୁଭ ବୋଲି କୁହାଯାଇଥାଏ। ତେବେ ଏହି ମୂର୍ତ୍ତିକୁ ଘରର କେଉଁ ସ୍ଥାନରେ ରଖିଲେ କି ସୁଫଳ ମିଳିଥାଏ ଜାଣନ୍ତୁ ସେ ସମ୍ପର୍କରେ...**

✻ ଧନ, ସମୃଦ୍ଧିର ପ୍ରତୀକ କୁହାଯାଉଥିବା କାମଧେନୁ ଗାଈ ମୂର୍ତ୍ତିକୁ ଘରର ଉତ୍ତର-ପୂର୍ବ ଦିଗରେ ରଖିବା ସବୁଠୁ ଶୁଭ ବୋଲି କୁହାଯାଏ। ବାସ୍ତୁଶାସ୍ତ୍ର ଅନୁଯାୟୀ,



ଏହି ଦିଗରେ ଉକ୍ତ ମୂର୍ତ୍ତିକୁ ରଖିଲେ ପରିବାରରେ ସୁଖ ସମୃଦ୍ଧି ବୃଦ୍ଧି ପାଇବା ସହ ଘରେ ସକରାତ୍ମକ ଉର୍ଜ୍ଜାର ପ୍ରଭାବ ବଢିଥାଏ ବୋଲି ବିଶ୍ୱାସ କରାଯାଏ।

✻ କିନ୍ତୁ ଏହି ମୂର୍ତ୍ତିକୁ ଘରର ଦକ୍ଷିଣ ଦିଗରେ ରଖିବାକୁ ବାସ୍ତୁଶାସ୍ତ୍ରରେ ବାରଣ ରହିଛି।

✻ ସେହିପରି ଘରର ପ୍ରବେଶ ଦ୍ୱାରରେ ଧଳା ମାର୍ବଲରେ ତିଆରି କାମଧେନୁ ଗାଈ ମୂର୍ତ୍ତି ରଖିବା ଶୁଭ ହୋଇଥାଏ ବୋଲି ମାନ୍ୟତା ରହିଛି।

✻ ତା'ଛଡ଼ା ରୂପା, ତମ୍ବା ଅଥବା ପିତଳରେ ତିଆରି କାମଧେନୁ ଗାଈର ମୂର୍ତ୍ତି ରଖିବା ମଧ୍ୟ ଘର ପାଇଁ ଶୁଭ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି।

✻ କୁହାଯାଏ, ଏହି ମୂର୍ତ୍ତିକୁ ଘରେ ରଖିଲେ ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟ ଭଲ ରହିଥାଏ।

✻ ଏପରିକି କାମଧେନୁ ଗାଈ ସହିତ ତା'ର ବାଛୁରୀ ଥିବାର ମୂର୍ତ୍ତି ରଖିବା ଘର ପାଇଁ ବହୁତ ଶୁଭ ହୋଇଥାଏ।

✻ ପୂଜା ଘରେ ବି କାମଧେନୁ ଗାଈ ମୂର୍ତ୍ତି ରଖିପାରିବେ। ଏହା ବି ଘର ପାଇଁ ଶୁଭ ହୋଇଥାଏ।

✻ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଗୋଧୂଳି ସମୟରେ କିମ୍ବା କୌଣସି ଶୁଭ ମୁହୂର୍ତ୍ତ ଦେଖି ଘରେ କାମଧେନୁ ଗାଈ ମୂର୍ତ୍ତି ସ୍ଥାପନା କରିବା ଅତ୍ୟନ୍ତ ଶୁଭ ହୋଇଥାଏ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଜୁନ୍ ୧-୭, ୨୦୨୫

**ମେଷ**: ସ୍ୱାସ୍ଥ୍ୟ ସମସ୍ୟା, କର୍ମକ୍ଷେତ୍ରରେ ବିତର୍କ, ସଭାସମିତିରେ ସମ୍ମାନ, ଯାନବାହନରେ କ୍ଷତି, ପରୋକ୍ଷ ଶତ୍ରୁତା, ରାଜନୈତିକ ଆଲୋଚନା, ଆତ୍ମୀୟଙ୍କ ସୌହାର୍ଦ୍ଦ୍ୟ, ଯାତ୍ରାକାଳରେ ମିତ୍ରତା, ବନ୍ଧନମୁକ୍ତ ହେବେ ॥

**ବୃଷ**: ଦୂରଦର୍ଶିତାରୁ ପ୍ରଶଂସା, ବନ୍ଧୁଙ୍କ ସହ ଆଲୋଚନା, ଯୁକ୍ତିରୁ ସମସ୍ୟା, ଆର୍ଥିକ ସ୍ଥିତିରେ ଦୁର୍ବଳତା, କାମ ବାଧାପ୍ରାପ୍ତ ହେବ, ସମସ୍ୟା ସମାଧାନ, ଘର ସାଜସଜ୍ଜା, ଶିଳ୍ପବାଣିଜ୍ୟରେ ଉନ୍ନତି, ଆଇନ ସହାୟତା ପ୍ରାପ୍ତି, ପ୍ରତିଯୋଗୀତାରେ ସଫଳତା ॥

**ମିଥୁନ**: ବିଭିନ୍ନ ପ୍ରକାରର ସମସ୍ୟା, କାର୍ଯ୍ୟ ବ୍ୟସ୍ତତା ବଢିବ, ଅନିଦ୍ରା ହେତୁକ ସ୍ୱାସ୍ଥ୍ୟହାନୀ, ଆର୍ଥିକ ଅବନତି, ଅସ୍ୱାସ୍ଥ୍ୟକର ପରିସ୍ଥିତି, କରଜ କରିବାକୁ ପଡିବ, ପାରିବାରିକ ଦୁଃଶ୍ଚିନ୍ତା ଆସିବ, ବନ୍ଧୁଙ୍କ ସହ ଆଲୋଚନା, ଦୂରଯାତ୍ରାର ଯୋଜନା ॥

**କର୍କଟ**: ଅସୁସ୍ଥତା ଅନୁଭବ, କାର୍ଯ୍ୟ ସ୍ଥଗିତ ରହିବ, ପରିସ୍ଥିତି ବଦଳିବ, ବନ୍ଧୁଙ୍କ ସହଯୋଗ, ଯୋଜନା ବଦଳାଇବେ, ସଭାସମିତିକୁ ନିମନ୍ତ୍ରଣ, ମାଙ୍ଗଳିକ କାର୍ଯ୍ୟରେ ବାଧା, କଳାସାହିତ୍ୟରେ ଉନ୍ନତି ॥

**ସିଂହ**: କର୍ମକ୍ଷେତ୍ରରେ ଉଚ୍ଚସମ୍ମାନ, ନୂତନ ଯୋଜନାରମ୍ଭ, ପାରିବାରିକ ସହମତି, ଆର୍ଥିକ ସ୍ଥିତି ବଦଳିବ, ପ୍ରଶାସନିକ ଆଲୋଚନା, ସାହିତ୍ୟ କୃତିରୁ ପ୍ରଶଂସା, ବେହିସାବ ଖର୍ଚ୍ଚରୁ ମନସ୍ତାପ, ବନ୍ଧୁମାନଙ୍କ ପରାମର୍ଶ ॥

**କନ୍ୟା**: ଶାରୀରିକ ଅସୁସ୍ଥତା, ଆର୍ଥିକ ଅନଟନ, ନିଷ୍ପତି ନେବାରେ ଦ୍ୱନ୍ଦ୍ୱ, ପାରିବାରିକ ମତାନ୍ତର, ମନ ଆନ୍ଦୋଳିତ ରହିବ, ଅନିଶ୍ଚିତତା ମଧ୍ୟରେ ଗତି, ଦୁଃସାହାସିକ ପଦକ୍ଷେପ, ସାଂଗଠନିକ କାର୍ଯ୍ୟର ନେତୃତ୍ୱ, ବସ୍ତ୍ରାଳଙ୍କାର ପ୍ରାପ୍ତି, ଭ୍ରାତୃସମ୍ପର୍କରେ ଉନ୍ନତି ॥

**ତୁଳା**: ନୈତିକତାର ମାନବୃଦ୍ଧି, ସମୟାନୁବର୍ତ୍ତିତାରୁ ପ୍ରଶଂସା, ଅର୍ଥନୈତିକ ଅଭିବୃଦ୍ଧି, କଠିନ ଶ୍ରମରୁ ଅସୁସ୍ଥତା, ପାରିବାରିକ ଅଶାନ୍ତି, ସନ୍ତାନଙ୍କ ସମସ୍ୟା, କରଜଦାତାଙ୍କ ଚାପ, ବ୍ୟବସାୟୀକ ଅବନତି, ଯାନବାହନର ମରାମତି, ଧର୍ମକାର୍ଯ୍ୟ କରିବେ ॥

**ବିଛା**: ମାନସିକ ଦ୍ୱନ୍ଦ୍ୱ, ବିଭିନ୍ନ ଦୁର୍ଭାବନା, ମନ ବିଚଳିତ ରହିବ, ବନ୍ଧୁଙ୍କ ଆଶ୍ୱାସନା, ପ୍ରଶାସନିକ ବିବାଦ, ଯାତ୍ରାକାଳରେ ବିତର୍କ, ମାମଲା ବୃଦ୍ଧିପାଇବ, ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ, ଆତ୍ମୀୟଙ୍କ ସାହାଯ୍ୟ, ସାହିତ୍ୟନୁରାଗୀ ହେବେ, ଚଳଚ୍ଚିତ୍ରରେ ଦ୍ୱନ୍ଦ୍ୱ ॥

**ଧନୁ**: ସମସ୍ୟା ସମାଧାନ, ଖର୍ଚ୍ଚ ପରିମାଣ ବୃଦ୍ଧି, ପଡୋଶୀଙ୍କ ସହାୟତା, ଅସୁସ୍ଥ ମାନସିକତା, ସହକର୍ମୀଙ୍କ ପରାମର୍ଶ, ପରିସ୍ଥିତି ବିଗିଡିପାରେ, ମନୋରଞ୍ଜନର ମଉକା, ବ୍ୟବସାୟିକ ଉତ୍କର୍ଷତା, ପାରିବାରିକ ମନାନ୍ତର, ଦ୍ୱନ୍ଦ୍ୱର ଅବସାନ ॥

**ମକର**: ଶୁଭ ଖବର ପ୍ରାପ୍ତି, ରୁଗ୍ଣ ସ୍ୱାସ୍ଥ୍ୟରେ ଉନ୍ନତି, ଆଶ୍ୱସ୍ତି ଲାଭ କରିବେ, ପାରିବାରିକ କଳହ, ନୂତନ ବନ୍ଧୁସମ୍ପର୍କ, ଋଣ ପରିଶୋଧ ଚିନ୍ତା, ବୈବାହିକ ସମସ୍ୟା, ଲେଖାପଢାରେ କୁଶଳ, ସାଂସ୍କୃତିକ କାର୍ଯ୍ୟାରମ୍ଭ, ଯୋଗ ସାଧନାରେ ରୁଚି, ବିଦେଶଯାତ୍ରାର ସୁଯୋଗ ॥

**କୁମ୍ଭ**: କର୍ମଜଞ୍ଜାଳ ବଢିବ, ପାରିବାରିକ ମତ ପାର୍ଥକ୍ୟ, ଯାନ୍ତ୍ରିକ ଜିନିଷ କ୍ରୟ, ବନ୍ଧୁ ସମ୍ପର୍କରେ ଅବନତି, ଅପଦସ୍ତ ହୋଇପାରନ୍ତି, ସନ୍ତାନ ହେତୁକ ଗୌରବ, ରୋଗପୀଡା କମିବ, ନିର୍ମାଣରେ ଅଗ୍ରଗତି, ବିବାଦର ସମାଧାନ, ଆନୁଷ୍ଠାନିକ କର୍ମାରମ୍ଭ ॥

**ମୀନ**: କର୍ମକ୍ଷେତ୍ରରେ ସମସ୍ୟା, ସରକାରୀ ସହାୟତା, ବୈଷୟିକ ଅଭିବୃଦ୍ଧି, ସନ୍ତାନଙ୍କ ସ୍ୱାସ୍ଥ୍ୟହାନୀ, ପଡୋଶୀଙ୍କ ଆକ୍ଷେପୋକ୍ତି, ବିବାହ ପ୍ରସ୍ତାବ ଆସିବ, ଶାରୀରିକ ଅସୁସ୍ଥତା, ସହକର୍ମୀଙ୍କ ଅସହଯୋଗ, କଳାପ୍ରିୟ ହେବେ, ବନ୍ଧୁମିଳନରୁ ଆନନ୍ଦ, କ୍ରୀଡା ଚଳଚ୍ଚିତ୍ରରେ ବିବାଦ ॥

# ଭୋଜନକୁ ନେଇ ନିୟମ



ଭୋଜନ କରିବାକୁ ନେଇ ବାସ୍ତୁଶାସ୍ତ୍ରରେ ବି କିଛିଟା ନିୟମ ରହିଛି। ଯେମିତିକି: ପୂର୍ବ ଦିଗକୁ ମୁହଁ କରି ଭୋଜନ କଲେ ରୋଗ ଓ ମାନସିକ ଚାପ ଦୂର ହୁଏ, ମସ୍ତିଷ୍କକୁ ସ୍ଫୁର୍ତ୍ତି ଲାଗେ ଏବଂ ଖାଦ୍ୟ ଭଲଭାବେ ହଜମ ହୁଏ। ପଶ୍ଚିମ ଦିଗକୁ ଲାଭର ଦିଗଭାବେ ବିବେଚନା କରାଯାଏ। ବ୍ୟବସାୟ, ଚାକିରି କରିଥିବା ବ୍ୟକ୍ତି ଏହି ଦିଗକୁ ମୁହଁ କରି ଭୋଜନ କରିବା ଲାଭଦାୟକ ହୋଇଥାଏ। ସେହିପରି ଯେଉଁମାନେ ଧନ, ବିଦ୍ୟା ଓ ଆଧ୍ୟାତ୍ମିକ ଶକ୍ତି ପ୍ରାପ୍ତ କରିବାକୁ ଚାହାନ୍ତି, ସେମାନେ ଉତ୍ତର ଦିଗକୁ ମୁହଁ କରି ଭୋଜନ କରିବା ଉତ୍ତମ ହୋଇଥାଏ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି। କ୍ୟାରିୟର ସଚେତନ ଯୁବପିଢି ଓ ବିଦ୍ୟାର୍ଥୀ ଏହି ଦିଗକୁ ମୁହଁ କରି ଭୋଜନ କରିବା ଲାଭଦାୟକ ହୋଇଥାଏ ବୋଲି ବିଶ୍ୱାସ ରହିଛି। ଅନ୍ୟପକ୍ଷେ ଯେଉଁମାନଙ୍କର ମାତାପିତା ଜୀବିତ ଅଛନ୍ତି ସେମାନେ ଦକ୍ଷିଣ ଦିଗକୁ ମୁହଁ କରି ଖାଇବା ଉଚିତ ନୁହେଁ। ଏହି ଦିଗକୁ ମୁହଁ କରି ଖାଇଲେ ମାତାପିତାଙ୍କ ଶରୀର ଉପରେ କୁଆଡ଼େ ଏହାର କୁ-ପ୍ରଭାବ ପଡିଥାଏ ବୋଲି ବିଶ୍ୱାସ ରହିଛି। ଏସବୁବାଦ୍ ବାସ୍ତୁଶାସ୍ତ୍ରରେ ଆଉ ଏକ କଥା ମଧ୍ୟ କୁହାଯାଇଛି ଯେ, ଭୋଜନ କରିବାକୁ ଗୋଟେ ଥର ବସିଲେ ପେଟପୂରା ଖାଦ୍ୟ ଖାଇସାରିକି ହିଁ ଉଠିବା ଦରକାର। କାରଣ ଏହା ଉଭୟ ଶରୀର ଓ ମନକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ। ଖାଦ୍ୟ ଖାଇଲାବେଳେ ବାରମ୍ବାର ଉଠିଲେ ମାତା ଲକ୍ଷ୍ମୀ କୁଆଡ଼େ ରୋଷ ହୋଇଥାନ୍ତି ବୋଲି ବିଶ୍ୱାସ କରାଯାଏ।

# ପାଠକୀୟ

✻ ମ୍ୟୁଜିୟମ୍ ବା ସଂଗ୍ରହାଳୟ: ଯେଉଁଠି ସାଧାରଣତଃ ଐତିହାସିକ, ସାଂସ୍କୃତିକ ତଥା ବୈଜ୍ଞାନିକ ଦୃଷ୍ଟିକୋଣରୁ ବହୁ ଗୁରୁତ୍ୱପୂର୍ଣ୍ଣ ବସ୍ତୁ ରଖାଯାଇଥାଏ। ହେଲେ ଏମିତି ବି କିଛି ମ୍ୟୁଜିୟମ୍ ଅଛି ଯେଉଁଠି ଥିବା ଜିନିଷ କାହାକୁ ବି ଅଜବ ଲାଗିପାରେ। ସେଭଳି କିଛି ଅଜବ ମ୍ୟୁଜିୟମ୍‌କୁ ନେଇ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗଟି ବେଶ୍ ନିଆରା ଥିଲା। 'ପକ୍ଷୀ ବି ସଙ୍କେତ ଦିଅନ୍ତି', 'ଶଙ୍ଖ ଧ୍ୱନିର ବାସ୍ତୁ ମହତ୍ତ୍ୱ' ଆଦି ପାଠର ଉପସ୍ଥାପନା ଶୈଳୀ ବି ଖୁବ୍ ସୁନ୍ଦର ଥିଲା।

*– ପ୍ରତିଭା ସ୍ୱାଇଁ, ମୟୂରଭଞ୍ଜ*

✻ ବିଭିନ୍ନ ପ୍ରକାରର ଅଜବ ମ୍ୟୁଜିୟମ୍‌କୁ ନେଇ ଛୁଟିଦିନରେ ପ୍ରକାଶ ପାଇଥିବା ସ୍ୱତନ୍ତ୍ର ପ୍ରଚ୍ଛଦ ପ୍ରସଙ୍ଗଟିକୁ ପଢିବାକୁ ଯେତିକି ମଜା ଲାଗୁଥିଲା ସେତିକି ତଥ୍ୟପୂର୍ଣ୍ଣ ବି ହୋଇଥିଲା। 'ଯୁଦ୍ଧର କରୁଣ ପରିଣତି' ଶୀର୍ଷକ ପାଠଟି ବି ବେଶ୍ ହୃଦୟସ୍ପର୍ଶୀ ହୋଇଥିଲା।

*– ମନସ୍ୱିନୀ ସାହୁ, ଭଦ୍ରକ*

✻ ବ୍ୟକ୍ତିତ୍ୱ ପୃଷ୍ଠାରୁ କବି, ଗାଳ୍ପିକ ତଥା ଔପନ୍ୟାସିକ ପୁରୁଷୋତ୍ତମ ମହାପାତ୍ରଙ୍କ ଜୀବନି ସମ୍ପର୍କରେ ବହୁ ଅଜଣା କଥା ଜାଣି ଖୁସି ଲାଗିଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ଯୁଦ୍ଧ ବିରତି' ଶୀର୍ଷକ ଗପଟି ବେଶ୍ ମନଛୁଆଁ ହୋଇଥିଲା। ସିନେମା ପୃଷ୍ଠା ମଧ୍ୟ ଆକର୍ଷଣୀୟ ଲାଗୁଥିଲା।

*– ବିଶ୍ୱଜିତ୍ ମହାନ୍ତି, ପୁରୀ*

✻ ସାହିତ୍ୟିକ ତଥା ଅବସରପ୍ରାପ୍ତ ଅଧ୍ୟାପକ ଭାବଗ୍ରାହୀ ବଳଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ଖୁବ୍ ପ୍ରେରଣାଦାୟୀ ହୋଇଥିଲା। ସାଥୀର ଉତ୍ତର ବି ରୋମାଣ୍ଟିକ୍‌ଭରା ଥିଲା। ଅଭିନେତା ସମ୍ମିତ ଆଚାର୍ଯ୍ୟଙ୍କ ସମ୍ପର୍କରେ ବହୁ ଅଜଣା କଥା ସେଲିବ୍ରିଟି ସିକ୍ରେଟ୍ ପୃଷ୍ଠାରୁ ଜାଣି ଖୁସି ଲାଗିଲା।

*– ରାଧାମୋହନ ମିଶ୍ର, ଗଞ୍ଜାମ*

✻ ମଡେଲ୍ ମିରର୍‌ରେ ଜସ୍ମିନ୍ ବେଶ୍ ସୁନ୍ଦରୀ ଲାଗୁଥିଲେ। ସହର ପୃଷ୍ଠାରୁ ଘାଗରିଆ ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ବିବିଧା ପୃଷ୍ଠାରେ ସ୍ଥାନିତ 'ସ୍ଲିପର୍ ସେଲ୍' ଶୀର୍ଷକ ପାଠଟି ବେଶ୍ ତଥ୍ୟପୂର୍ଣ୍ଣ ହୋଇଥିଲା।

*– ସନ୍ଧ୍ୟାବତୀ ଦାସ, ଯାଜପୁର*

✻ ବ୍ୟଙ୍ଗ ପୃଷ୍ଠାରୁ 'ମୂର୍ଖ ହେବାର ଆନନ୍ଦ' ଶୀର୍ଷକ ପାଠଟି ପଢି ବହୁ ଉପାଦେୟ କଥା ଜାଣିପାରିଲି। ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ଏୟାର୍ ପ୍ୟୁରିଫାଏ କରେ ଏହି ହେଡଫୋନ୍', 'ପେଣ୍ଟର୍ ହ୍ୱେଲ୍', 'କୁଇନ୍ ଅଫ୍ ଡାର୍କନେସ୍' ଆଦି ପାଠଗୁଡ଼ିକ ଯେତିକି ତଥ୍ୟପୂର୍ଣ୍ଣ ହୋଇଥିଲା ସେତିକି ଆଶ୍ଚର୍ଯ୍ୟକର ବି ଥିଲା।

*– ଶୁଭେନ୍ଦୁ ମହାପାତ୍ର, ଝାରସୁଗୁଡ଼ା*

## ବିଶେଷ ଚିଠି



ଅଜବ ମ୍ୟୁଜିୟମ୍‌କୁ ନେଇ ଥିଲା
ଏଥରର ପ୍ରଚ୍ଛଦ ପ୍ରସଙ୍ଗ,
ଦେଉଥିଲା ତଥ୍ୟ ଯେମିତି
କିଣୁଥିଲା ସଭିଙ୍କର ମନ ବି ସେମିତି।
ତା'ସାଙ୍ଗକୁ ଭାରୀ ଭଲ ଥିଲା
ତୁମ ସାଥୀ ଓ ସିନେମା
ମନ ମୋହି ନେଉଥିଲା ପୁଣି
ତୁମ ବ୍ୟାକ୍‌ପେଜ୍ ଦୁନିଆ।
ହେ ପ୍ରିୟ ଛୁଟିଦିନ
ତୁମଠୁ ନୁହେଁ ଆଉ କେହି ପ୍ରିୟତମ।


*– ମମତା ମହାନ୍ତି, ପୁରୀ*

ଧରିତ୍ରୀ ଛୁଟିଦିନ

ସମ୍ପାଦକ: ତଥାଗତ ସତପଥୀ

Printed and published by Adyasha Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com



# ଅଭାବୀ ହେଲେ ବି ମେଧାବୀ

ସଫଳତା କେବେ ଆପେ ଆସି କବାଟ ବାଡ଼ାଇ ନ ଥାଏ କି କେବଳ ଧନଦଉଲତ ଥିବା ଘରେ ପାଦ ରଖେନା। ଯେ ପର୍ଯ୍ୟନ୍ତ ଜଣେ ଜୀବନର କଷଟି ପଥରରେ ଘଷି ନ ହୋଇଛି, ନାନା ଘାତ ପ୍ରତିଘାତ ନ ସହିଛି, ସେ ପାଇ ପାରେନା ସଫଳତାର ସ୍ୱାଦ । ସେଇଥିପାଇଁ ବୋଧେ ଭଙ୍ଗା ଚାଳିଆରେ ରହୁଥିବା ଏଇ ପିଲାମାନେ ଦାରିଦ୍ର୍ୟର ଘନ ଅନ୍ଧକାର ଭିତରେ ଥାଇ ବି ସଫଳତାର ଆଲୋକକୁ ଛୁଇଁ ପାରିଛନ୍ତି। ଆଉ ପାଲଟିଛନ୍ତି ଅନ୍ଧାର ଆକାଶର ଚିକ୍‌ମିକ୍ ତାରକା।

**ଦିନମଜୁରିଆଙ୍କ ଝିଅ ଯୁକ୍ତ ଦୁଇ ଟପ୍ପର:** ଖୋର୍ଦ୍ଧା ଜିଲା ବାରଙ୍ଗ ବ୍ଲକ ସିଂଘଲ ଗ୍ରାମର ମନସ୍ୱିତା ମହାପାତ୍ର। ଦଶମରେ ହୋଇଥିଲେ ବାରଙ୍ଗ ବ୍ଲକ୍‌ର ଟପ୍ପର। ଆଉ ଏବେ ଯୁକ୍ତ ୨ ପରୀକ୍ଷାରେ ୬୦୦ରୁ ୫୭୨ ନମ୍ବର ରଖି ରାଜ୍ୟରେ ଚତୁର୍ଥ ସ୍ଥାନ ହାସଲ କରି ଏବେ ସାରା ଓଡ଼ିଶାରେ ଚର୍ଚ୍ଚିତ। ସମସ୍ତଙ୍କ ମୁହଁରେ ତାଙ୍କରି ପ୍ରଶଂସା। ହେଲେ ତାଙ୍କ ସଫଳତାର ପଥ ଆଦୌ ସୁଗମ କି ସରଳ ନ ଥିଲା। ଗରିବ ଘରର ଝିଅ ସେ। ବାପା ଶ୍ରୀନିବାସ ମହାପାତ୍ର ଦିନମଜୁରିଆ। ମା' ମନୋରମା ଗୃହିଣୀ। ମନସ୍ୱିତାଙ୍କୁ ମିଶାଇ ସେମାନେ ପାଞ୍ଚ ଭଉଣୀ। ରୁହନ୍ତି ଅଧା ପାଲଟଣା ଭଙ୍ଗା ଆଜବେଷ୍ଟସ୍ ଘରେ। ଯାହା ମଧ୍ୟକୁ ବର୍ଷା ପାଣି ଓ ସୂର୍ଯ୍ୟ କିରଣ ଅବାଧରେ ଯା' ଆସ କରନ୍ତି। ଗୋଟିଏ ବଖରାର ଏହି ଘର ଭିତରେ ରୋଷେଇ, ଶୋଇବା, ଖାଇବା ସବୁ ହୁଏ। କାମକୁ ଗଲେ ବାପାଙ୍କ ରୋଜଗାର ହୁଏ, ନ ଯାଇପାରିଲେ ନାହିଁ। ଏମିତିରେ ସାତପ୍ରାଣୀ କୁଟୁମ୍ବ ଚଳିବା କେତେ ଯେ କଷ୍ଟକର ତାହା କେବଳ ଅନୁଭବୀ ହିଁ ଜାଣିପାରିବ। ହେଲେ ଏଇସବୁ ଅଭାବ ଅସୁବିଧା ଭିତରେ ଖୁସିର ଆଲୋକ ସଞ୍ଚାର କରିଛନ୍ତି ଶ୍ରୀନିବାସଙ୍କ ବଡ଼ ଝିଅ ମନସ୍ୱିତା। ପଙ୍କରୁ ପଦ୍ମଜାତ ହେଲା ଭଳି ଏହି ଗରିବ ଘରର ଝିଅଟି ଯୁକ୍ତ ୨ ବିଜ୍ଞାନ ବିଭାଗରେ ୫୭୨ ମାର୍କ ନମ୍ବର ରଖି ରାଜ୍ୟରେ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି। ମନସ୍ୱିତାଙ୍କ ମା' କୁହନ୍ତି,'ଛୋଟବେଳୁ ମନସ୍ୱିତା ଭଲ ପଢ଼େ। ହେଲେ ଆର୍ଥିକସ୍ଥିତି ଖରାପ ଥିବାରୁ ଆମେ ତାକୁ ଅଧିକ ପଢିବା ପାଇଁ ସାହାଯ୍ୟ କରିପାରୁ ନ ଥିଲୁ। ଖାଲି ଯାହା କେତେଜଣ ସାର୍‌ଙ୍କ ପାଇଁ ସେ ଆଗକୁ ଆଗକୁ ପଢି ଚାଲିଛି। ସ୍କୁଲରେ ସାର୍‌ମାନେ ସାହାଯ୍ୟ କରୁଥିଲେ। ପବିତ୍ର ସାର୍, ବୁବୁ ସାର୍ ତାକୁ ଅଷ୍ଟମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ମାଗଣାରେ କୋଚିଂ ଦେଲେ। ଫଳରେ ଝିଅ ଦଶମରେ ୯୧.୮୨ ପ୍ରତିଶତ ରଖି ବ୍ଲକ୍‌ରେ ଟପ୍ପର ହୋଇଥିଲା। ଏହାପରେ ଅଚ୍ୟୁତ ସାଇନ୍ସ ହାୟର ସେକେଣ୍ଡାରୀ ସ୍କୁଲରେ ଝିଅ ଯୁକ୍ତ ୨ ପଢିଲା। ସେ ବି ମାଗଣାରେ। ପ୍ରିନ୍ସିପାଲ ଭବାନୀ ପଟ୍ଟନାୟକ ଓ ଚେୟାରମ୍ୟାନ ରାକେଶ ସିଂ ମନସ୍ୱିତାଙ୍କ ଦଶମ ରେଜଲ୍ଟ ଦେଖି ମାଗଣାରେ ପଢାଇଥିଲେ।' ପ୍ରିନ୍ସିପାଲ ଭବାନୀ ପଟ୍ଟନାୟକ କୁହନ୍ତି,'ମନସ୍ୱିତା ଜଣେ ମେଧାବୀ ଛାତ୍ରୀ। ଅଭାବ ଅସୁବିଧା ଯେମିତି ତାଙ୍କ ଉନ୍ନତି ପଥରେ ବାଧକ ନ ସାଜୁ ତେଣୁ ତାଙ୍କୁ ଆମେ ଆମ କଲେଜରେ ମାଗଣାରେ ପଢାଇଥିଲୁ। ଆଉ ସେ ଯୁକ୍ତ ୨ ପରୀକ୍ଷାରେ ରାଜ୍ୟରେ ଚତୁର୍ଥ ସ୍ଥାନ ରଖି ଆମ କଲେଜର ନାଁ ବି ରଖିଲେ।' ଏବେ ମନସ୍ୱିତା ଡାକ୍ତର ହେବାକୁ ଲକ୍ଷ୍ୟ ରଖିଛନ୍ତି। ମନସ୍ୱିତା କୁହନ୍ତି, 'ମୁଁ ଏବେ ନିଟ୍ ପାଇଁ ଅନ୍‌ଲାଇନ୍ କୋଚିଂ ନେବି। ଅମୂଲ୍ୟ ପାତ୍ର ସାର୍ ଅନ୍ ଲାଇନ୍ କୋଚିଂର ଫି' ଡିପୋଜିଟ୍ କରିବା ସହ ମୋବାଇଲ୍ ବି ଦେଇଛନ୍ତି। ମୋ ଜୀବନରେ ଏ ପର୍ଯ୍ୟନ୍ତ ଯାହା ବି ସଫଳତା ପାଇଛି ତାହା ସମ୍ଭବ ହୋଇଛି କେବଳ ସାର୍‌ମାନଙ୍କ ପାଇଁ। ସେମାନଙ୍କ ସାହାଯ୍ୟ ସହଯୋଗରେ ମୁଁ ଆଗକୁ ବଢୁଛି। ବାପା ମା' ତ ବେଶି ପଢି ନାହାନ୍ତି। ତେଣୁ ସେମାନେ ମତେ ପଢାରେ ସାହାଯ୍ୟ କରିପାରନ୍ତି ନାହିଁ। ହେଲେ ପଢିବା ପାଇଁ ଉତ୍ସାହ ଦିଅନ୍ତି।'

**ବୁଲା ବେପାରୀଙ୍କ ଝିଅ ମାଟ୍ରିକ ଟପ୍ପର:** ବ୍ରହ୍ମପୁର ବଡ଼ ବଜାର ନୃସିଂହ ମନ୍ଦିର ନିକଟସ୍ଥ ଖାସ୍ପାସାହିର ଶିବାନୀ ମହାପାତ୍ର। ଗରିବ ଘରର ଝିଅ। ବାପା ନରେନ୍ଦ୍ର ସେନାପତି ସାଇକେଲରେ ଗାଁ ଗାଁ ବୁଲି ଅଳତା, ସିନ୍ଦୂର, ଟିକିଲି, ପାଉଡର ବିକନ୍ତି। ଆଉ ମା' ମୀନାକ୍ଷୀ ଗୃହିଣୀ। ଦିନ ତମାମ ଖରାବର୍ଷାରେ ବୁଲି ବୁଲି ବାପାଙ୍କର ରୋଜଗାର ହୁଏ ମାତ୍ର ୨୫୦ରୁ ୩୦୦ ଟଙ୍କା। ଆଉ ଯଦି ଝଡ଼ ବର୍ଷା ହୁଏ ଦିନ ଦିନ ବେପାର ବନ୍ଦ ହୁଏ। ସେଥିପାଇଁ ଘରର ଆର୍ଥିକସ୍ଥିତି ଆଦୌ ଭଲ ନୁହେଁ। ସବୁବେଳେ ଅଭାବ ଲାଗି ରହେ। ଏଭଳି ସ୍ଥିତିରେ ବି ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଶିବାନୀ ଏ-୧ ପାଇ ସ୍କୁଲର ଟପ୍ପର ହୋଇଛନ୍ତି। ଆଉ ମା' ବାପାଙ୍କ ଟେକ ରଖିଛନ୍ତି। ବାପା ନରେନ୍ଦ୍ର କହନ୍ତି, 'ମୋର ତିନି ଝିଅ। ସ୍ୱଳ୍ପ ରୋଜଗାରରେ ଘର ଚଳାଇବା ଓ ପିଲାଙ୍କୁ ପଢ଼ାଇବା ଭାରି କଷ୍ଟକର। ତଥାପି ବଡ଼ ଝିଅ ଶିବାନୀକୁ ମୁଁ ପଞ୍ଚମ ପର୍ଯ୍ୟନ୍ତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ପଢାଇଲି। ହେଲେ ଅର୍ଥାଭାବରୁ ସେ ସ୍କୁଲରୁ ଆଣି ତାକୁ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ପଢାଇଲି। ଅନ୍ୟ ଦୁଇଝିଅ ଅର୍ଥାତ୍ ମଝିଆ ଝିଅ ସ୍ନେହା ୬ଷ୍ଠରେ ପଢୁଥିବାବେଳେ ସାନ ଝିଅ ସମ୍ପୂର୍ଣ୍ଣା ପ୍ରଥମ ଶ୍ରେଣୀର ଛାତ୍ରୀ। ଦୁହେଁ ଏବେ ସୀମାଦ୍ରି ପଣ୍ଡା ସରକାରୀ ସ୍କୁଲରେ ପଢୁଛନ୍ତି। ମୋ ଝିଅମାନେ ମୋ କଷ୍ଟକୁ ବେଶ୍ ଅନୁଭବ କରିପାରନ୍ତି। ଖାସ୍‌କରି ବଡ଼ ଝିଅ ଶିବାନୀ ବହୁତ ବୁଝାଶୁଝା। ସେଥିପାଇଁ ସେ ପାଠପଢ଼ାରେ ଖୁବ୍ ମନଧ୍ୟାନ ଦିଏ। ଫଳସ୍ୱରୂପ ଏବେ ସେ ମାଟ୍ରିକ ପରୀକ୍ଷାରେ ଏ-୧ ପାଇ ସ୍କୁଲର ଟପ୍ପର ହୋଇପାରିଛି। ସେଥିପାଇଁ ବହୁତ ଖୁସି ଲାଗୁଛି।' ହେଲେ ଶିବାନୀଙ୍କର ଏହି ସଫଳତାରେ ସେ ଖୁସି ଯେତିକି ତା'ଠାରୁ ଅଧିକ ଚିନ୍ତାରେ ଅଛନ୍ତି। କାରଣ ଉଚ୍ଚ ଶିକ୍ଷା ପାଇଁ ସେ କେଉଁଠି ପଢ଼ିବେ, କିଭଳି ପ୍ରସ୍ତୁତି କରିବେ, ଏତେ ଅର୍ଥ କେଉଁଠୁ ଆସିବ, ଏହାବାଦ୍ ଯଦି ସେ ଉଚ୍ଚଶିକ୍ଷା କରନ୍ତି ତେବେ ପରିବାର କେମିତି ଚଳିବ, ଆଉ ଦୁଇ ଭଉଣୀ କେମିତି ପଢ଼ିବେ ଏହିସବୁ ଚିନ୍ତା ଖାଲି ତାଙ୍କୁ ନୁହେଁ, ତାଙ୍କ ମାତାପିତାଙ୍କୁ ବି ଘାରିଛି। ପିତାଙ୍କ ସୀମିତ ଆୟରେ ଜୀବନରେ ବଡ଼ ସ୍ୱପ୍ନ ନେଇ ପ୍ରଥମ ପାହାଚ ସଫଳତାର ସହ ଡେଇଁଥିବା ଶିବାନୀ କୁହନ୍ତି, 'ବିନା ସଂଘର୍ଷରେ ଜୀବନର ସ୍ୱାଦ ମିଳେନା। ରୋଜଗାର ପାଇଁ ବାପାଙ୍କ ସଂଘର୍ଷରୁ ଯାହା ଶିଖିଛି ତାହା ମୋତେ ଏତେ ବାଟ ନେଇ ଆସିଛି। ତଥାପି ଅନେକ ବାକି ଅଛି। ଅର୍ଥକୁ ନେଇ ଯଦିଓ ଚିନ୍ତା ଢେରଗୁଣ ବଢ଼ିଛି। ହେଲେ ନିଷ୍ଠା, ଇଚ୍ଛାଶକ୍ତି ଏବଂ ଭଗବାନଙ୍କ ଆଶୀର୍ବାଦରେ ସବୁ କିଛି ସମ୍ଭବ ହେବ ତାହାକୁ ମୁଁ ବିଶ୍ୱାସ କରେ। ଭଗବାନ ଯଦି ଏତେ ବାଟ ନେଇ ଆସିଛନ୍ତି, ତେବେ ଯେଉଁଠି ପହଞ୍ଚିବାକୁ ଚାହୁଁଛି ସେଠି ପହଞ୍ଚିବା ପାଇଁ ବି ସେ ନିଶ୍ଚୟ ସାହାଯ୍ୟ କରିବେ। ଭବିଷ୍ୟତରେ ଜଣେ ଆଇଏଏସ୍ ଅଫିସର ହେବାକୁ ଲକ୍ଷ୍ୟ ରଖିଛି। ଖାଲି ସେତିକି ନୁହେଁ ଦୁଇ ଭଉଣୀଙ୍କୁ ବି ପଢ଼ାଇବି।'

**ବାପା ଗାଁ ଗାଁ ବୁଲି ବୁଲି ମାଛ ବିକନ୍ତି, ଝିଅ କଲେଜ ଟପ୍ପର:** ଅଭାବ ଅସୁବିଧା ଯେ, ସଫଳତା ପଥରେ ଅନ୍ତରାୟ ସାଜିପାରେନା ତା'ର ଏକ ଉଦାହରଣ ହେଉଛନ୍ତି ଗଜପତି ଜିଲା ଅଡ଼ବା ଗାଁର ମଧୁସୂଦନ ବେହେରାଙ୍କ ଝିଅ ରଶ୍ମିତା ବେହେରା । ଚଳିତ ବର୍ଷ ଯୁକ୍ତ ୨ କଳା ବିଭାଗରେ ୪୬୫ ନମ୍ବର (୭୭.୫ ପ୍ରତିଶତ ) ରଖି ମୋହନାର ହିଲ୍ ଟପ୍ କଲେଜରେ ଟପ୍ପର ହୋଇଛନ୍ତି। ହେଲେ ଏ ସଫଳତାର ପଥ ଆଦୌ ସରଳ ନ ଥିଲା। କାରଣ ତାଙ୍କ ପରିବାରର ଆର୍ଥିକସ୍ଥିତି ଆଦୌ ଭଲ ନୁହେଁ। ରାତି ପାହିଲେ ତାଙ୍କ ବାପା ଗାଁ ଗାଁ ବୁଲି ମାଛ ବିକନ୍ତି। ମା' ପର ଘରେ କାମ କରନ୍ତି। ଭାଇ ଭଉଣୀ ଚାରିଜଣ। ସେଥିରୁ ଯାହା ରୋଜଗାର ହୁଏ ପରିବାର ଚଳେ। ଘରେ ନା ପାଠପଢିବାର ଭଲ ପରିବେଶ ଥିଲା ନା ଥିଲା ବହିପତ୍ର।



ବାପା ଓ ଭଉଣୀଙ୍କ ସହ ମନସ୍ୱିତା ମହାପାତ୍ର (ମଝି)



ମା'ବାପାଙ୍କ ସହ ମିତାଲି ବେହେରା



ସୋନାଲିକା ଖିଲାର



ଶିବାନୀ ସେନାପତି





ମା'ଙ୍କ ସହ ଶୃତି ସାହୁ

ଟିଉସନ୍ ହେବା ତ ଦୂର କଥା। ନିଜେ ନିଜେ ପଢିଛନ୍ତି। ଆଉ କଲେଜରେ ଟପ୍ପର୍ ହୋଇଛନ୍ତି। ବାପା ମଧୁସୂଦନ କୁହନ୍ତି,' ମୋ ଝିଅ ଘରର ପରିସ୍ଥିତି ବୁଝେ। ତେଣୁ ନାନା ଅଭାବ ଅସୁବିଧା ସତ୍ତ୍ୱେ ସେ ପାଠପଢାରେ ମନ ଦେଇଛି। ଆମେ ତା' ପାଇଁ କିଛି କରିନୁ। ତା'ସହ ସେ ମୋତେ ଓ ତା' ମା'କୁ ବି ସାହାଯ୍ୟ କରେ। ବିନା ଟ୍ୟୁଶନ୍‌ରେ ସେ କଲେଜରେ ଟପ୍ପର ହୋଇଛି। ତେଣୁ ତା' ସଫଳତାର ଶ୍ରେୟ ତାକୁ ହିଁ ଯିବ।' ରଶ୍ମିତା ଆଗକୁ ପାଠ ପଢ଼ି ପ୍ରଶାସନିକ ଅଧିକାରୀ ହେବାକୁ ଇଚ୍ଛା ରଖିଛନ୍ତି।

**ମା'ଙ୍କ ଦୁଃଖ ବୁଝି ଝିଅ ହେଲେ ଟପ୍ପର:** ସୋରଡ଼ା ସହର, ନେତାଜୀ ସାହିର ଏକ ପୁରୁଣା ଭଙ୍ଗା ଦଦରା ମାଟି ଘରେ ନିଜ ପରିବାର ସହ ଭଡାରେ ରୁହନ୍ତି ଶୃତି ସାହୁ। ଘରର ଅବସ୍ଥା ଏମିତି ଯେ ନ କହିବା ଭଲ। କାନ୍ଥରୁ ମାଟି ଖସିଗଲାଣି। ଚାଳରୁ ତ ଚନ୍ଦ୍ର ସୂର୍ଯ୍ୟ ଦେଖା ଯାଆନ୍ତି। ଖରା ବର୍ଷା ଶୀତ ସବୁ ଯେମିତି ଡେରା ପକାନ୍ତି ତାଙ୍କରି ଘର ଭିତରେ। ମା' ପ୍ରଭାସିନୀ ସାହୁ ଏକା ଏକା ନିଜ ରକ୍ତକୁ ପାଣି କରି ଖଟି ଖଟି ଦି' ପଇସା ରୋଜଗାର କରି ପିଲାଙ୍କୁ ବଡ଼ କରିଛନ୍ତି। ସେ ଅଙ୍ଗନୱାଡିରେ ହେଲ୍ପର କାମ କରନ୍ତି। ପିଲାଙ୍କ ପାଇଁ ରୋଷେଇ କରନ୍ତି। ଘରଭଡା ସହ ଘର ଚଳାଇବା ଓ ପିଲାଙ୍କ ପାଠପଢା ସ୍ୱଳ୍ପ ଦରମାରେ ହୋଇପାରେନା। ତେଣୁ ନଳୀ ଛାଣି, ମକା ଭାଜି ତାକୁ ପ୍ୟାକିଂ କରି ଦୋକାନ ବଜାର ଏମିତିକି ଘରେ ଘରେ ବୁଲି ବିକନ୍ତି। ଏହି କାମରେ ଝିଅ ଶୃତି ବି ସାହାଯ୍ୟ କରନ୍ତି। ଏଥିରୁ ଯାହା ରୋଜଗାର ହୁଏ ସେଥିରେ ପରିବାର ପ୍ରତିପୋଷଣ କରନ୍ତି, ପିଲାଙ୍କୁ ପାଠପଢାନ୍ତି। ମା'ଙ୍କର ଏହି ଝାଳବୁହା କଷ୍ଟକୁ ବୁଝିପାରିଛନ୍ତି ଝିଅ ଶୃତି। ଦିନରାତି ପରିଶ୍ରମ କରି ସେ ନା କେବଳ ମା'ଙ୍କ ମୁଣ୍ଡକୁ ଗର୍ବରେ ଉଚ୍ଚା କରିଛନ୍ତି ବରଂ ତାଙ୍କ କଲେଜ ଓ ଅଞ୍ଚଳ ମଧ୍ୟ ଏବେ ତାଙ୍କ ପାଇଁ ଗର୍ବିତ। କାରଣ ସ୍ଥାନୀୟ ପ୍ରକାଶ ଚନ୍ଦ୍ର ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଶୃତି ଚଳିତ ଯୁକ୍ତ ୨ ପରୀକ୍ଷାରେ ୬୦୦ରୁ ସର୍ବୋଚ୍ଚ ୫୨୦ ନମ୍ବର ରଖି ସୋରଡ଼ା ଏନ. ଏ. ସିରେ ଟପ୍ପର୍ ହୋଇଛନ୍ତି। ଆଜି ଶୃତିଙ୍କ ମା'ଙ୍କ ଆଖିରୁ ଦୁଃଖର ନୁହେଁ ବରଂ ଝରୁଛି ଖୁସିର ଲୁହ। ଶୃତି କୁହନ୍ତି, 'ମୁଁ ଦିନକୁ ୮ଘଣ୍ଟାରୁ ଅଧିକ ସମୟ ପଢୁଥିଲି। ଆମର ଆର୍ଥିକ ଅବସ୍ଥା ଭଲ ନୁହେଁ। ତେଣୁ ପଢାରେ ନାନା ଅସୁବିଧା ଉପୁଜୁଥିଲା। ହେଲେ କଲେଜର ଅଧ୍ୟକ୍ଷ, ଅଧ୍ୟାପିକା, ଅଧ୍ୟାପକ ମୋତେ ବହୁତ ସାହାଯ୍ୟ କରିଥିଲେ। ସେମାନଙ୍କ ପାଇଁ ଓ ମୋ ମା' ଲାଗି ମୁଁ ଆଜି ସଫଳ ହୋଇପାରିଛି। ଆଉ ଜଣେ ଆଇଏଏସ୍ ଅଫିସର ହେବାର ସ୍ୱପ୍ନ ଦେଖୁଛି।

**ଷ୍ଟ୍ରିଟ୍ ଲାଇଟ୍‌ରେ ପଢ଼ିଛନ୍ତି ମିତାଲି:** ଚଳିତ ବର୍ଷ ଦ୍ୱାଦଶ ପରୀକ୍ଷାରେ ୫୬୬ ନମ୍ବର ତଥା ୯୪.୩% ମାର୍କ ରଖିଛନ୍ତି ପାରାଦୀପର ଷଣ୍ଢକୁଦ ବସ୍ତିରେ ରହୁଥିବା ମିତାଲି ବେହେରା। ଯଦିଓ ତାଙ୍କଠାରୁ ବି ଅନ୍ୟ କିଛି ପିଲା ଅଧିକ ମାର୍କ ରଖିଛନ୍ତି। ହେଲେ ମିତାଲିଙ୍କ କଥା ସ୍ୱତନ୍ତ୍ର। କାରଣ ଅନେକ ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରି ସେ ଏହି ସଫଳତା ପାଇଛନ୍ତି। ଖୁବ୍ ଅଭାବୀ ପରିବାର ତାଙ୍କର। ବାପା ନିରଞ୍ଜନ ବେହେରା ଅଟୋ ଚଳାନ୍ତି। ସେଥିରୁ ଯାହା ରୋଜଗାର ହୁଏ ସେଥିରେ ଘର ଚଳିବା କଷ୍ଟକର ହୋଇଯାଏ। ତେଣୁ ତାଙ୍କ ମା' ପ୍ରଭାତୀ ଘରେ ସିଲେଇ ମେଶିନ ରଖି ସିଲେଇ କରି କିଛି ଅର୍ଥ ରୋଜଗାର କରନ୍ତି। ରୁହନ୍ତି ପାରାଦୀପର ଷଣ୍ଢକୁଦ ବସ୍ତିରେ। ମିତାଲି ପାରାଦୀପ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପଢ଼ିବା ପରେ କଟକର ସରସ୍ୱତୀ ଜୁନିୟର ସାଇନ୍ସ କଲେଜରେ ପଢିଲେ। ମିତାଲିଙ୍କ ବାପା ନିରଞ୍ଜନ କୁହନ୍ତି, 'ଆମର ପୈତୃକ ଗାଁ ହେଉଛି ନୟାଗଡ଼ ଜିଲାର ରାଜସୁନାଖଳା ଅଞ୍ଚଳରେ। କାମ ଅନ୍ୱେଷଣରେ ମୁଁ ୨୫ ବର୍ଷ ତଳେ ପାରାଦୀପ ଚାଲି ଆସିଥିଲି। ଏଠାକାର ଷଣ୍ଢକୁଦ ବସ୍ତିରେ ରହିଲି। ଅଟୋ ଚଲାଇ ରୋଜଗାର କରିବା ଆରମ୍ଭ କଲି। ପରେ ବିବାହ ହେଲା। ଆଉ ମୋର ଦୁଇ ସନ୍ତାନ ହେଲେ। ମିତାଲି ହେଉଛି ମୋର ବଡ଼ ଝିଅ। କ୍ରମେ ସ୍ୱଳ୍ପ ରୋଜଗାରରେ ଦୁଇ ପିଲାଙ୍କୁ ପଢ଼ାଇବା, ଘର ଚଳାଇବା ଭାରି କଷ୍ଟକର ହେଲା। ତେଣୁ ସ୍ତ୍ରୀ ଘର କାମ ସହିତ ସିଲେଇ ମେଶିନ ରଖି ସିଲେଇ କରି କିଛି ରୋଜଗାର କରିବା ଆରମ୍ଭ କଲେ। ଝିଅ ମିତାଲିର ପିଲାଟି ଦିନରୁ ପାଠ ପଢା ପ୍ରତି ବେଶ୍ ଆଗ୍ରହ ଥିଲା। ନିଜ ଚେଷ୍ଟାରେ ପଢି ସେ ଭଲ ରେଜଲ୍ଟ କରୁଥିଲା। ହେଲେ ତାକୁ ପଢ଼ା କ୍ଷେତ୍ରରେ ବିଶେଷ ସାହାଯ୍ୟ କରିପାରୁ ନ ଥିଲି। ୨୦୧୬ ପୂର୍ବରୁ ତ ଆମ ବସ୍ତିରେ ଲାଇନ ନ ଥିଲା। ସନ୍ଧ୍ୟା ହେଲେ ଡିବି ଆଲୁଅ ଓ ଲଣ୍ଠନ ଥିଲା ଏକମାତ୍ର ସାହାରା। ଏଭଳି ସ୍ଥିତିରେ ବି ମୋ ଝିଅର ପଢ଼ା ବନ୍ଦ ହେଉ ନ ଥିଲା। ସେ ସୋଲାର ଷ୍ଟ୍ରିଟ ଲାଇଟ ତଳେ ବସି ପଢୁଥିଲା। ଏବେ ଲାଇଟ୍ ଅଛି ସତ, ହେଲେ ତାକୁ ଆମେ ପାଠପଢା କ୍ଷେତ୍ରରେ ଅନ୍ୟ ପିଲାଙ୍କ ତୁଳନାରେ ବିଶେଷ କିଛି ସାହାଯ୍ୟ କରିପାରୁନା। ସେ ନିଜେ ଚେଷ୍ଟା କରି ଏହି ସଫଳତା ପାଇଛି।' ନିଜ ସଫଳତା ସମ୍ପର୍କରେ ମିତାଲି କୁହନ୍ତି, 'ଭବିଷ୍ୟତରେ ଆଇଏଏସ ଅଫିସର ହେବାକୁ ଲକ୍ଷ୍ୟ ରଖିଛି। କଲେଜର ୮ରୁ ୧୦ ଘଣ୍ଟା ପାଠପଢା ପରେ ମୁଁ ଘରେ ୪ ରୁ ୫ ଘଣ୍ଟା ପଢୁଥିଲି। ପରିଶ୍ରମ ଅନୁସାରେ ମାର୍କ ପାଇଛି। ଆଉ ମୋ ସଫଳତାର ଶ୍ରେୟ ମୁଁ ମୋ ମା' ବାପାଙ୍କ ସହିତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଦେବି। ତା'ଛଡ଼ା ଅନେକ ଅଭାବସତ୍ତ୍ୱେ ମା' ଓ ବାପା କେବେ ବି ଆମ ଦି'ଭାଇ ଭଉଣୀଙ୍କୁ ସେ ଅଭାବକୁ ଅନୁଭବ କରିବାକୁ ଦେଇ ନାହାନ୍ତି। ସେମାନେ କଠିନ ପରିଶ୍ରମ କରି ସବୁ ଅଭାବକୁ ପୂରଣ କରିବାକୁ ଚେଷ୍ଟା କରିଛନ୍ତି।'

**ଗାଡ଼ି ଚାଳକଙ୍କ ଝିଅ କଲେଜ ଟପ୍ପର :** ମୟୂରଭଞ୍ଜ ଜିଲା ସୁକ୍ରୁଳି ବ୍ଲକ ଟାଙ୍ଗିଆ ଗ୍ରାମର ସୋନାଲିକା ଖିଲାରଙ୍କ ପାଇଁ ଆଜି ତାଙ୍କ ମା' ବାପା ଖୁବ୍ ଗର୍ବିତ। କାରଣ ତାଙ୍କ ସୁନା ଝିଅ ତାଙ୍କ ଟେକ ରଖିଛି। ଚଳିତ ବର୍ଷ ଯୁକ୍ତ ୨ ପରୀକ୍ଷା, ବିଜ୍ଞାନ ବିଭାଗରେ ୯୩ ପ୍ରତିଶତ ରଖି କଲେଜ୍ ଟପ୍ପର୍ ହୋଇଛି। ସେ କେନ୍ଦୁଝର ଜିଲାରେ କେଏସ୍ଇ ଯୁକ୍ତ୨ (ବିଜ୍ଞାନ) ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପଢୁଥିଲେ। ସୋନାଲିକାଙ୍କ ବାପା ପ୍ରଦୀପ କୁମାର ଖିଲାର ଜଣେ ଗାଡି ଚାଳକ। ମା ସଂଯୁକ୍ତା ଖିଲାର ଗୃହିଣୀ। ବାପା ଯାହା ରୋଜଗାର କରନ୍ତି ସେଥିରେ ପରିବାର ପ୍ରତିପୋଷଣ ହେବା ସହ ସେ ଓ ତାଙ୍କ ବଡ଼ ଭାଇ ପାଠ ପଢନ୍ତି। ସୋନାଲିକାଙ୍କ ବଡଭାଇ ସରୋଜ ସିଟି ପଢିବାପରେ କେନ୍ଦୁଝର ଜିଲା ଝୁମ୍ପୁରା କଲେଜରେ ଯୁକ୍ତ ୩ ବିଜ୍ଞାନ ଅଧ୍ୟୟନରତ। ଆର୍ଥିକ ଅଭାବ ଯୋଗୁ ସୋନାଲିକା କୌଣସି ଟ୍ୟୁଶନ ନେଇ ନ ଥିଲେ। ତେଣୁ ସେ କଲେଜରେ ଶିକ୍ଷକମାନଙ୍କ ପାଠ ପଢାକୁ ଭଲ ଭାବରେ ଶୁଣୁଥିଲେ ଏବଂ ପରେ ହଷ୍ଟେଲରେ ଭଲ ଭାବରେ ଅଧ୍ୟୟନ କରୁଥିଲେ। ଆଉ ଏମିତିଭାବେ ସେ ପାଇଲେ ସଫଳତା। ସୋନାଲିକା କୁହନ୍ତି,' ଡାକ୍ତର ହେବାକୁ ମୋର ବହୁତ ଇଚ୍ଛା। ଚଳିତ ବର୍ଷ ମୁଁ ନିଟ୍ ପରୀକ୍ଷା ଦେଇଛି। ଯଦି ଭଲ ର୍ୟାଙ୍କ ନ ମିଳେ ତେବେ ଆସନ୍ତା ବର୍ଷ ସବୁ ପ୍ରକାରର ପ୍ରସ୍ତୁତି କରି ପରୀକ୍ଷା ଦେବି। ଯଦି ଏଥିରେ କୌଣସି ସମସ୍ୟା ଦେଖାଦିଏ ତେବେ ୟୁପିଏସ୍‌ସି/ଓପିଏସ୍‌ସି ପରୀକ୍ଷା ଦେବି। ମୋ ମତରେ କେବେ ବି ଜୋର୍ ଜବରଦସ୍ତ ପଢିବା ଉଚିତ ନୁହେଁ। ଯେତେ ପର୍ଯ୍ୟନ୍ତ ଆଗ୍ରହ ରହିବ ସେ ପର୍ଯ୍ୟନ୍ତ ପଢିବା ଉଚିତ।'

ଏହି ପିଲାମାନଙ୍କ ସଫଳତା ପ୍ରମାଣ କରେ ଯେ, ମନରେ ସଫଳତାର ସ୍ୱାଦ ଚାଖିବାର ଝୁଙ୍କ ଥିଲେ ସଫଳତାର ବାଟ ଆପେ ଫିଟିଯିବ। ଏଥିରେ ଆର୍ଥିକ ଦୁରବସ୍ଥା କି ପରିସ୍ଥିତି କେବେ ବି ଅନ୍ତରାୟ ସାଜିପାରିବନି।

**–ଶିବାନୀ ମହାନ୍ତି**

**ସୁବାସ ଚନ୍ଦ୍ର ପାଢ଼ୀ, ଶରତ କୁମାର ରାଉତ, ମନ୍ମଥ ମିଶ୍ର, ସତ୍ୟରଞ୍ଜନ ଦାସମହାପାତ୍ର, ଲମ୍ବୋଦର ପାଣିଗ୍ରାହୀ, ନରେଶ ପଟ୍ଟନାୟକ**





ରଶ୍ମିତା ବେହେରା

# କଉଡ଼ି ଜୁଏଲେରୀ

**କଉଡ଼ିରେ ତିଆରି ଜୁଏଲେରୀର ଟ୍ରେଣ୍ଡ ଏବେ ଖୁବ୍ ଚାଲିଥିବା ଦେଖିବାକୁ ମିଳୁଛି। ଡିଫରେଣ୍ଟ ଲୁକ୍ ଦେଉଥିବା ଏହି ଜୁଏଲେରୀକୁ ଝିଅମାନେ ଚାହିଁଲେ ଅଫିସ ହେଉ କି ଆଉଟିଂରେ ଗଲାବେଳେ ଏପରିକି ପାର୍ଟି, ଫଙ୍କଶନ୍‌ରେ ବି ଆରାମରେ କ୍ୟାରି କରିପାରିବେ...**



ଜୁଏଲେରୀ ବିନା ନାରୀ ଶିଙ୍ଗାର ଫିକା ଫିକା ଲାଗେ। ରୁପା, ସୁନା, ହୀରା ହେଉ କି ଅନ୍ୟ କୌଣସି ମୂଲ୍ୟବାନ୍ ଧାତୁରେ ତିଆରି ଜୁଏଲେରୀ ନାରୀଙ୍କୁ ଗର୍ଜିୟସ୍ ଲୁକ୍ ଦେଉଥିବାବେଳେ ଅକ୍ସିଡାଇଜ୍ଡ, ଜୁଟ୍, ଟ୍ରାଇବାଲ୍ ଜୁଏଲେରୀ ମଡର୍ନ ଲୁକ୍ ଦେଇଥାଏ। ସେହିପରି କଉଡ଼ିରେ ତିଆରି ଜୁଏଲେରୀ ; ଯାହାର ଟ୍ରେଣ୍ଡ ଏବେ ଖୁବ୍ ରହିଛି। ଡିଫରେଣ୍ଟ ଲୁକ୍ ଦେଉଥିବା ଏହି ଜୁଏଲେରୀକୁ ଝିଅମାନେ ମେହେନ୍ଦି, ହଳଦୀ ଆଦି ଫଙ୍କଶନ୍‌ରେ ପିନ୍ଧିବାକୁ ବେଶି ପସନ୍ଦ କରିଥାନ୍ତି। ତା'ଛଡ଼ା ଏହାର କିଛି ସ୍ପେଶାଲ୍ ଡିଜାଇନ୍ ବି ଆସୁଛି ; ଯାହାକୁ ଅଫିସ ହେଉ କି ଆଉଟିଂରେ ଯିବାବେଳେ କ୍ୟାରି କରି ସୋବର୍ ଲୁକ୍ ପାଇହେବ...

**କଉଡ଼ିରେ ତିଆରି ନେକ୍‌ଲେସ୍:** କଉଡ଼ି ଲାଗିଥିବା ନେକ୍‌ଲେସ୍ ବି ଝିଅମାନଙ୍କୁ ଟିକେ ମଡର୍ନ ଲୁକ୍ ଦେଇଥାଏ। ଏହାକୁ ମେହେନ୍ଦି ଫଙ୍କଶନ୍ ହେଉ କି ହଳଦୀ ଫଙ୍କଶନ୍‌ରେ ଟ୍ରାଏ କରି ଡିଫରେଣ୍ଟ ଲୁକ୍ ପାଇହେବ। ତା'ଛଡ଼ା ନବରାତ୍ରି ସମୟରେ ବି କେହି କେହି ଚନିଆ ଚୋଲି ଆଉଟ୍‌ଫିଟ୍ ସହ କଉଡ଼ି ଡିଜାଇନ୍‌ର ନେକ୍‌ଲେସ୍ ପିନ୍ଧିବାକୁ ପସନ୍ଦ କରିଥାନ୍ତି। କେବଳ ସେତିକି ନୁହେଁ ଡେଲିୟୁଜ୍ ମଡର୍ନ ଆଉଟ୍‌ଫିଟ୍ ସାଙ୍ଗରେ ବି ଝିଅମାନେ ଚାହିଁଲେ କଉଡ଼ିର ଅକ୍ସିଡାଇଜ୍ଡ ନେକ୍‌ଲେସ୍ ହେଉ ଅଥବା ଜୁଟ୍‌ରେ ତିଆରି କଉଡ଼ି ନେକ୍‌ଲେସ୍ ପିନ୍ଧି ସ୍ମାର୍ଟ ଲୁକ୍ ପାଇପାରିବେ।

**କଉଡ଼ିରେ ତିଆରି ଇୟର ରିଂ:** ମଡର୍ନ ଝିଅମାନଙ୍କର ଏହି ଟାଇପ୍‌ର ଇୟର୍ ରିଂ ପିନ୍ଧିବା ଖୁବ୍ ପସନ୍ଦ। କାରଣ ଏହା ସେମାନଙ୍କୁ ଡିଫରେଣ୍ଟ ଲୁକ୍ ଦେଇଥାଏ। ତେବେ କେଉଁ ଅକେଜନ୍‌ରେ କେଉଁ ଟାଇପ୍‌ର କଉଡ଼ି ଥିବା ଇୟର୍ ରିଂ ପିନ୍ଧିଲେ ଆଉଟ୍‌ଷ୍ଟାଣ୍ଡିଂ ଲୁକ୍ ପାଇହେବ ସେ ସମ୍ପର୍କରେ...

- ଭିଡ଼ ଭିତରେ ଟିକେ ଭିନ୍ନ ଲୁକ୍ ପାଇବାକୁ ଚାହୁଁଥିଲେ, ଫ୍ଲାୱାର୍ ଶେପ୍‌ର କଉଡ଼ି ଇୟର୍ ରିଂ ପିନ୍ଧିବା ଏକ ଭଲ ଅପ୍ସନ ହୋଇପାରେ।
- କଲେଜ କିମ୍ବା ଅଫିସ୍‌କୁ ଏଥେନିକ୍ ଆଉଟ୍‌ଫିଟ୍ ସହିତ ମିରର୍ ୱାର୍କ ହୋଇଥିବା କଉଡ଼ି ଇୟର୍ ରିଂ ପିନ୍ଧିଲେ ଝିଅମାନଙ୍କୁ ଏଲିଗାଣ୍ଟ ଲୁକ୍ ମିଳିଥାଏ।
- ଆଉ ଯଦି ଘରୋଇ ଫଙ୍କଶନ୍‌ରେ ଝିଅମାନେ ଏଥେନିକ୍ ଆଉଟ୍‌ଫିଟ୍ ପିନ୍ଧୁଥାନ୍ତି, ତା'ହେଲେ ଏ କ୍ଷେତ୍ରରେ ସେମାନେ ଚାହିଁଲେ ଝୁମ୍‌କା ଡିଜାଇନ୍‌ର କଉଡ଼ି ଇୟର୍ ରିଂ ପିନ୍ଧିଲେ ଲୁକ୍ ବେଶ୍ ଆକର୍ଷଣୀୟ ଲାଗିଥାଏ।

କେବଳ ଏତିକି ନୁହେଁ, ଝିଅମାନେ ଚାହିଁଲେ କଉଡ଼ି ଲାଗିଥିବା ଷ୍ଟଡ୍ ଇୟର୍ ରିଂ, ହୁପ୍ ଇୟର୍ ରିଂ, ଟ୍ରାଇବାଲ୍ ଡିଜାଇନ୍‌ର ଇୟର ରିଂ ବି ପିନ୍ଧି ନିଜକୁ ଭିନ୍ନ ଲୁକ୍ ଦେଇପାରିବେ।


**କଉଡ଼ିରେ ତିଆରି ବ୍ରେସ୍‌ଲେଟ୍:** କଳା ଫିତାରେ ଗୋଟେ କି ଦୁଇଟି କଉଡ଼ି ଗୁନ୍ଥା ହୋଇ ଯେଉଁ ବ୍ରେସ୍‌ଲେଟ୍ ତିଆରି ହୋଇଥାଏ, ତାହାକୁ ବ୍ଲାକ୍ ଆଣ୍ଡ ହ୍ୱାଇଟ୍ କମ୍ବିନେଶନ୍‌ର ମଡର୍ନ ଆଉଟ୍‌ଫିଟ୍ ସହ ଟ୍ରାଏ କଲେ ଲୁକ୍ ବେଶ୍ ସୁନ୍ଦର ଦେଖାଯାଇଥାଏ।

**କଉଡ଼ିରେ ତିଆରି ଚୁଡ଼ି:** ବିଭିନ୍ନ ପ୍ରକାରର କଲର୍‌ଫୁଲ୍ ସୂତାରେ ଏକାଧିକ କଉଡ଼ିକୁ ଗୁନ୍ଥି ଖୁବ୍ ସୁନ୍ଦର ସୁନ୍ଦର ଚୁଡ଼ି ବି ତିଆରି କରାଯାଇଥାଏ। ଏହାକୁ ଝିଅମାନେ ଚାହିଁଲେ ମ୍ୟାଚିଂ କଲର୍ ଆଉଟ୍‌ଫିଟ୍ ସହ ଟ୍ରାଏ କରି ଡିଫରେଣ୍ଟ ଲୁକ୍ ପାଇପାରିବେ।

**କଉଡ଼ିରେ ତିଆରି ଆଙ୍କଲେଟ୍:** ଏହି ଟାଇପ୍‌ର ଆଙ୍କଲେଟ୍‌କୁ ବିଚ୍ ୱେର୍ ସାଙ୍ଗେ ଟ୍ରାଏ କଲେ ଝିଅମାନଙ୍କୁ ବୋଲ୍ଡ ଲୁକ୍ ମିଳିଥାଏ।

ଏସବୁ ବାଦ୍ କଉଡ଼ିରେ ତିଆରି ଆକର୍ଷଣୀୟ ମୁଦି, ମଥାପଟି, ୱେଷ୍ଟ ବେଲ୍ଟ ବି ଦେଖିବାକୁ ଖୁବ୍ ସୁନ୍ଦର ଲାଗିଥାଏ। ଝିଅମାନେ ଚାହିଁଲେ ଏ ସବୁ କଉଡ଼ିରେ ତିଆରି ଜୁଏଲେରୀକୁ କୌଣସି ଫଙ୍କଶନ୍ ସମୟରେ ନିଜ ଆଉଟ୍‌ଫିଟ୍ ସାଙ୍ଗେ ମ୍ୟାଚିଂ କରି ଟ୍ରାଏ କରିପାରିବେ। ନଚେତ୍ ଅକେଜନ୍ ଅନୁଯାୟୀ, ଏଥିରୁ କୌଣସି ଗୋଟିଏ ବି ଟ୍ରାଏ କରି ନିଜକୁ ଡିଫରେଣ୍ଟ ଲୁକ୍ ଦେଇପାରିବେ।
















# ଚିତ୍ର ଓ ସାହିତ୍ୟରୁ ଈଶ୍ୱରୀୟ କୃପା ପାଉଛି



ପିଲାଟି ଦିନରୁ ବିଭିନ୍ନ ଚିତ୍ର ଆଙ୍କିବା ସହ ଦେବଦେବୀଙ୍କ ମୂର୍ତ୍ତି ତିଆରି କରୁଥିଲେ। ଯେଉଁଥିପାଇଁ ସ୍କୁଲରେ ପୁରସ୍କୃତ ବି ହେଉଥିଲେ। ପରେ ସେ ଚିତ୍ରକଳା କ୍ଷେତ୍ରରେ ଅଧିକ ଜାଣିବା ପାଇଁ ଆର୍ଟ କଲେଜରେ ନାମ ଲେଖାଇଲେ ଏବଂ ପରବର୍ତ୍ତୀ ସମୟରେ ଜଣେ ଗ୍ରାଫିକ୍ ଆର୍ଟିଷ୍ଟ ଭାବେ ନିଜର ପରିଚୟ ତିଆରି କଲେ। ଏଇଥିପାଇଁ ତାଙ୍କୁ ଅନେକ ସମ୍ମାନ ଓ ପୁରସ୍କାର ମିଳିବା ସହ ଓଡ଼ିଶା ଲଳିତକଳା ଏକାଡେମୀ ତରଫରୁ ଧର୍ମପଦ ପୁରସ୍କାର ମଧ୍ୟ ମିଳିଛି। ସେ ହେଲେ ଶିଳ୍ପୀ **ମହେନ୍ଦ୍ର ପ୍ରସାଦ ମହାପାତ୍ର**। ତାଙ୍କ ପିତା ରାଜକିଶୋର ମହାପାତ୍ର ଓ ମାତା ଅହଲ୍ୟା ଦେବୀ। ତାଙ୍କର ଜନ୍ମ ୧୯୪୮ ମସିହା ଜୁଲାଇ ୨୯ ତାରିଖରେ କଟକ ଜିଲା ବାଙ୍କୀ ବ୍ଲକ ଅନ୍ତର୍ଗତ ସାହାଡ଼ାପଦା ଗାଁରେ। ସେ କୁହନ୍ତି, 'ମୋ ବୋଉ ହିନ୍ଦୁ ଘରେ ବିଭିନ୍ନ ଦେବାଦେବୀଙ୍କୁ ରଖି ପୂଜା କରେ ; ଯାହା ଦେଖିବାକୁ ମୋତେ ଭଲ ଲାଗୁଥିଲା। ପ୍ରତିଦିନ ବୋଉ ଶୋଇବା ପୂର୍ବରୁ ଆମକୁ ଶ୍ରୀକୃଷ୍ଣଙ୍କ ଲୀଳା ବିଷୟରେ ପଢି ଶୁଣାଉଥିଲା ; ଯାହାର ପ୍ରଭାବ ପିଲାଟିଦିନୁ ମୋ ଉପରେ ପଡ଼ିଥିଲା। ଆମ ଘର ବାଙ୍କୀରେ ଦଶହରା, ଗଣେଶ ପୂଜା, ସରସ୍ୱତୀ ପୂଜା, ଖୁଦୁରୁକୁଣୀ ଓଷା ସମୟରେ ମାଟିରେ ବିଭିନ୍ନ ମୂର୍ତ୍ତି ନିର୍ମାଣ କରାଯାଏ। ସେ ସବୁ ମୋତେ ବିଶେଷ ଆକର୍ଷିତ କରୁଥିଲା। ଆଉ ତାକୁ ଦେଖି ମୁଁ ବି କରୁଥିଲି। ସାହାଡ଼ପଦାର ନାରାୟଣ ମହାରଣା, ଚର୍ଚ୍ଚିକାର ଝରି ସାହୁ, ପ୍ରମୋଦ ମିଶ୍ର, ହାଇସ୍କୁଲ କଳା ଶିକ୍ଷକ କୃଷ୍ଣ ଚନ୍ଦ୍ର ନାୟକ ପ୍ରମୁଖ ଗୁରୁ ଚିତ୍ରକଳା ପାଇଁ ମୋତେ ଉତ୍ସାହିତ କରୁଥିଲେ। ବାଙ୍କୀ ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠରୁ ୧୯୬୬ରେ ମାଟ୍ରିକ୍ ପାସ୍ କଲି। ସେହି ବର୍ଷ ଖଲ୍ଲିକୋଟ ଚାରୁ ଓ କାରୁକଳା ମହାବିଦ୍ୟାଳୟରେ ନାମ ଲେଖିଥିଲି। ସେଠାରୁ ଚିତ୍ରକଳାରେ ଉତ୍ତୀର୍ଣ୍ଣ ହୋଇ ପ୍ରଥମ ସ୍ଥାନ ହାସଲ କରିଥିଲି। ବିଭିନ୍ନ ସମୟରେ ଆୟୋଜିତ ଏକାଧିକ ଆର୍ଟ ଶିବିରରେ ଯୋଗ ଦେଉଥିଲି। ଏହା ସହ ଜଳରଙ୍ଗରେ ବି ଚିତ୍ର କରିଥାଏ। ଖଲ୍ଲିକୋଟ ଆର୍ଟ ମହାବିଦ୍ୟାଳୟର ବିନୋଦ ରାଉତରାୟ, ଲୋକନାଥ ଶତପଥୀ, ସୋମନାଥ ମହାପାତ୍ର, ଖଡ଼ିପଥର ମୂର୍ତ୍ତି ଶିଳ୍ପୀ ରବିନାରାୟଣ ନାୟକ ଓ ପେଣ୍ଟିଂ ଗୁରୁମାନଙ୍କ ଦ୍ୱାରା ମୁଁ ପ୍ରଭାବିତ। ପରେ ବିଭୂତି କାନୁନ୍‌ଗୋ, ଡ. ମୁରଲୀଧର ଟାଲିଙ୍କ ଦ୍ୱାରା ମଧ୍ୟ ପ୍ରଭାବିତ ହୋଇଥିଲି। ରାଜା ରବିବର୍ମାଙ୍କ ତୈଳଚିତ୍ର ମୋତେ ବହୁତ ଆକର୍ଷିତ କରିଥିଲା। -ଜଳରଙ୍ଗ, ତୈଳଚିତ୍ର, କାଲିଗ୍ରାଫିରେ ମୋର ବିଶେଷ ରୁଚି ରହିଛି। ଏହି କଳାରେ ମୋତେ ଆତ୍ମସନ୍ତୋଷ ମିଳିଛି। ଗୋଟେ ଘଟଣା ମନେପଡ଼େ- ଥରେ ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ର ରାସ୍ତାରେ ଆସୁଥିଲି। ସେହି ରାସ୍ତାରେ ଆଲୋକୀକରଣ ଉଦ୍ଦେଶ୍ୟରେ ବିଦ୍ୟୁତ୍ ଖୁଣ୍ଟ ପୋତିବା ଲାଗି କେତେକ ସ୍ଥାନରେ ଗାତ ଖୋଳାଯାଇଥିଲା। ସେଠାରେ ଓଦାମାଟି ଗଦା ହୋଇଥାଏ। ମାଟିପ୍ରତି ଥିଲା ମୋର ଖୁବ୍ ଦୁର୍ବଳତା। ସେଥିରୁ କିଛି ମାଟି ଏକ ବ୍ୟାଗ୍‌ରେ ଧରି କଟକ ଯିବା ପାଇଁ ବସ୍‌ରେ ବସିଲି । ହାତରେ ଓଦାମାଟି ବ୍ୟାଗ୍ ରହିଥାଏ। ବସ୍‌ରେ କଣ୍ଡକ୍ଟର ମୋ ଠାରୁ ଯେତେବେଳେ ଟିକେଟ ପାଇଁ ପଇସା ମାଗିଥିଲେ, ମୋ ପକେଟରୁ କାଢି ନେଇଯିବାକୁ କହିଥିଲି। ମାତ୍ର ସେ ମୋ ହାତରେ ଓଦା ମାଟି ଲାଗିଥିବା ଦେଖି ମୋ ଠାରୁ ଟଙ୍କା ଗ୍ରହଣ କରି ନ ଥିଲେ। ସେଦିନ ଆଣିଥିବା ମାଟିରେ ଯେଉଁ ଗଣେଶ ମୂର୍ତ୍ତି ତିଆରି କରିଥିଲି ତାହା ମୋ ପାଇଁ ସ୍ମୃତି ହୋଇ ରହିଛି। ୧୯୭୩ ମସିହାରେ ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ବିଭାଗର ଦୂରଦର୍ଶନ ପାଇଁ ଗ୍ରାଫିକ୍ ଆର୍ଟିଷ୍ଟ ଭାବେ ଯୋଗଦେଲି। ପରେ୨୦୦୮ରେ ଗ୍ରାଫିକ୍ ସୁପର ଭାଇଜର ଭାବେ କାର୍ଯ୍ୟକରି ଅବସର ନେଇସାରିଛି। ଅନ୍ୟପକ୍ଷେ ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ଲଳିତକଳା ଏକାଡେମୀ ଦ୍ୱାରା ମନୋନୀତି କାର୍ଯ୍ୟକାରୀ ସଦସ୍ୟ ଭାବେ ୨୦୨୧ରୁ ତିନିବର୍ଷ ପାଇଁ କାର୍ଯ୍ୟ କରିଥିଲି।'





ଏହାବାଦ୍ ସେ କଟକ କ୍ରିଏଟର ଆର୍ଟିଷ୍ଟ ଗ୍ରୁପ୍‌ର ସଭାପତି, ଓଡ଼ିଶା ଚିତ୍ରକଳା ଏକାଡେମୀର ପ୍ରତିଷ୍ଠାତା ସଭାପତି ଏବଂ କଟକ ଆର୍ଟିଷ୍ଟ ଅର୍ଗାନାଇଜେଶନର ଉପଦେଷ୍ଟା, କଟକ ମୃଣ୍ମୟ ଶିଳ୍ପୀ ସଂଘର ଉପଦେଷ୍ଟା ମଧ୍ୟ ରହିଛନ୍ତି। ଏତଦ୍ ବ୍ୟତୀତ ବହୁ ସାହିତ୍ୟ ଅନୁଷ୍ଠାନ, ସଂସ୍କୃତି ଅନୁଷ୍ଠାନର ସଦସ୍ୟ ଏବଂ କାର୍ଯ୍ୟକାରୀ ସମିତିର ସଦସ୍ୟ ଓ ଖପୁରିଆସ୍ଥିତ ନୂଆପଡ଼ା ଗ୍ରାମର ରାମଲୀଳା ସମିତିର ଉପଦେଷ୍ଟା ରହିଛନ୍ତି। ଏହାବ୍ୟତୀତ ଗୀତି ଗଙ୍ଗୋତ୍ରୀ ଦ୍ୱାରା ସ୍ୱର୍ଣ୍ଣ ପଦକ ପ୍ରାପ୍ତ, କବିତା ଲେଖା ପାଇଁ ଜଗନ୍ନାଥ ସାହିତ୍ୟ ସମାଜରୁ କବିଶ୍ରୀ ଉପାଧି, ଶ୍ରୀଦୁର୍ଗା ସାହିତ୍ୟ ସମାଜରୁ କବିଶ୍ରୀ ଉପାଧି, ପଲ୍ଲୀବଧୂ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଚାରୁକଳା ସାଧନା କାଳରେ ମାନଭଞ୍ଜନ ଗୀତ ଶୁଣି ଗୀତିନାଟ୍ୟ ଲେଖିବାକୁ ଇଚ୍ଛାପ୍ରକାଶ କରିଥିଲି। ସାମ୍ପ୍ରତିକ ସ୍ଥିତିକୁ ନେଇ ସମାଜକୁ ସଚେତନ କରିବା ପାଇଁ ଅଭିନୟ ସହିତ କିଛି କିଛି କବିତା ଲେଖିଥିଲି। ଏବେ ଅବସର ପରେ ଚିତ୍ର ଓ ସାହିତ୍ୟ କ୍ଷେତ୍ରରେ ଅଧିକ ସମୟ ବିତାଉଛି। ଏଥିରେ ମୋତେ ଈଶ୍ୱରୀୟ କୃପା ମିଳୁଛି।

**-ବନବିହାରୀ ବେହେରା**








# ମୋ ଲେଖା

– ପରଂବ୍ରହ୍ମ ତ୍ରିପାଠୀ

**ମୋ** ଗପ ମୋ ଗୀତ ମୋ ସବୁ କବିତା
କେବଳ ମୁଁ ରେ ଭରା, ମୁଁ ହିଁ ମୁକୁତା
ଦେଖି ସେଠି ନିଜ ଛାଇ ଫୁଲାଅନି ମୁହଁ
ମୁଁ ଲେଖିଛି ମୋ କଥା, ତୁମେ ସେଠି ନାହଁ
ମୋ କାହାଣୀ ଡାହାଣୀ ମୁଁ, ମୁଁ ହିଁ ଗୁଣିଆ
ମୋ ଲେଖାରେ ପାଣି ମୁଁ, ମୁଁ ହିଁ ତ ନିଆଁ
କେବଳ ଦର୍ଶକ ତୁମେ, ତାହା ହୋଇ ରୁହ
ମୁଁ ଲେଖିଛି ମୋ କଥା, ତୁମେ ସେଠି ନାହଁ
ମୋ ପାପପୂଣ୍ୟ, ପ୍ରାପ୍ୟ କରଜର କଥା
ମୋ ସ୍ମୃତି ଅନୁଭୂତି ଆଉ ଯେତେ ବ୍ୟଥା
କହିଦେଲେ କାହିଁ ତୁମେ କୁହ ଟିକେ ରୁହ
ମୁଁ ଲେଖିଛି ମୋ କଥା, ତୁମେ ସେଠି ନାହଁ
ଯାହା ଦେଲ ସେଇଆ ହିଁ ଫେରାଇ ମୁଁ ଦେଲି
ପ୍ରେମର ବଦଳେ ପ୍ରେମ, ଘୃଣା ପାଇଁ ଘୃଣା ଦେଲି
ହିସାବ ବେଳକୁ କାହିଁ ଫୁଲାଉଛ ମୁହଁ
ମୁଁ ଲେଖିଛି ମୋ କଥା, ତୁମେ ସେଠି ନାହଁ।

*–ନାଉଗାଁ ହାଟ, ଜଗତସିଂହପୁର*
*ମୋ: ୯୭୧୭୩୦୨୨୦୫*



# ଫ୍ରିଜ୍

– ସସ୍ମିତା ମହାନ୍ତି

**ବା**ପା ଘରକୁ ଆସୁଆସୁ ମିକୁଲି କହିଲା ବାପା ! ବାପା ! ଆମର ଗୋଟିଏ ଫ୍ରିଜ ଆଣିବା। ମୋର ସବୁ ସାଙ୍ଗଙ୍କ ଘରେ ଫ୍ରିଜ ଅଛି, ସେମାନେ ଯେତେବେଳେ ଚାହିଁଲେ ଥଣ୍ଡା ପାଣି ପିଉଛନ୍ତି ଓ ମନଇଚ୍ଛା ଆଇସ୍‌କ୍ରିମ ଖାଉଛନ୍ତି।

ରାତ୍ରି ଜଗୁଆଳି ବାପା ନିଜର ଅସହାୟତାକୁ ଲୁଚାଇବାକୁ ଯାଇ କହିଲେ, ଦାଦାର ପରା ଫ୍ରିଜ ଅଛି, ଆମର ଆଉ ଗୋଟିଏ ଫ୍ରିଜ କଣ ହେବ ?

ସେଇଟା ତ ଦାଦାଙ୍କ ଘରେ ଅଛି।

ଏଥର ମାଆ କହିଲେ, ସେ ପରା ତୋ ଦାଦା। ଦାଦା ଓ ଆମେ କ'ଣ ଅଲଗା। ଯାହା ଦାଦାର ତା' ଆମର।

ଠିକ୍ ଅଛି ମାଆ, ଫ୍ରିଜଟା ଏତେ ଦିନ ଦାଦାଙ୍କ ପାଖରେ ରହିଲାଣି ଏବେ ଆମ ଘରକୁ ନେଇ ଆସିବା।

ଝିଅର କଥା ଶୁଣି ବାପା ମାଆ କେବଳ ପରସ୍ପରକୁ ଚାହୁଁଥିଲେ।

*– ତ୍ରିଶୁଳିଆ, କଟକ*
*ମୋ: ୭୯୭୮୧୫୫୩୫୯*



# ତଦୁର୍ଦ୍ଧ୍ୱରେ...

– ବିଜୟଲକ୍ଷ୍ମୀ ପାଣିଗ୍ରାହି

**ମୋ** ପ୍ରଶ୍ନ ଥିଲା
ଆତ୍ମହତ୍ୟା କ'ଣ ?
ତୁମେ ଅବାକ୍ ହେଲ ଆଉ ନିରୁତ୍ତର।

–ଯାହା ଦୃଶ୍ୟମାନ
ଅରୁନ୍ଧତୀ ତାରାର ଆଲୁଅ ପରି ?
ତୁମେ ଗମ୍ଭୀର ହେଲ
ଦଳକାଏ ପକ୍ଷୀ
ଫଡ କରି ଉଡ଼ିଗଲେ ଆକାଶକୁ।

–ପ୍ରତାରଣାର ପିଠିରେ
କୁଢ଼ କୁଢ଼ ସରଳ ଇଚ୍ଛାଙ୍କ ବିଶ୍ୱାସ
କ'ଣ ଶବ ପାଲଟନ୍ତି ?
ତମେ ଆଖି ପତା ପକାଇଲ
ସ୍ଥିର ହେଲା ସମୁଦ୍ର।

–ପଥରକୁ ଘଷି ମୁନିଆ କରେଇବା
ତାକୁ କାଠ ସହ ଜୋଖି ତୀର ଗଢିବା
ଆଉ ଚଳନ୍ତା ତୀରକୁ ପାଦରେ ଅଟକାଇ
ପ୍ରାଣ ତ୍ୟାଗୀବା.. ?
ସବୁକୁ ତୁମେ କ'ଣ
କହିବ ଲୀଳା ?
ହେଲେ ମୁଁ....

ତୁମେ ଉର୍ଦ୍ଧ୍ୱକୁ ଆଙ୍ଗୁଠି ଦେଖାଇଲ
ମୁଁ ନିରବିଲି
ବୁଝିଗଲି
ମୋ ପ୍ରଶ୍ନର ଉର୍ଦ୍ଧ୍ୱରେ ତୁମ ଇଙ୍ଗିତ
କରି କରାଉ ଥାଏ ମୁହିଁ...

*–ଶିକ୍ଷୟିତ୍ରୀ, ଜୟପୁର, କୋରାପୁଟ*
*ମୋ: ୮୨୪୯୪୫୦୦୫୦*



# ଶେଷରେ ରାଜି ହେଲେ କିଆରା

କିଆରା ଆଡୱାନୀଙ୍କୁ ନେଇ ଏବେ ଚର୍ଚ୍ଚା । କାହିଁକି ଜାଣନ୍ତି ? ଚଳିତ ବର୍ଷ ରିଲିଜ ହେଉଥିବା 'ୱାର୍ ୨'ରେ ତାଙ୍କୁ ଦେଖିବାକୁ ମିଳିବ । ହେଲେ ତାଙ୍କୁ ନେଇ ଯେଉଁ ଆଲୋଚନା ଜୋର୍ ଧରିଛି ତାହା ପଛରେ ଏକ କାରଣ ରହିଛି । କଥା କ'ଣ କି ଏଥିରେ କିଆରାଙ୍କୁ ବିକିନି ଅବତାରରେ ଦେଖିବାକୁ ମିଳିବ । ହେଲେ ଯେତେବେଳେ ସେ ଜାଣିଲେ ଯେ ତାଙ୍କୁ ନେଇ ଏଭଳି ଏକ ଦୃଶ୍ୟ ଶୁଟ୍ କରାଯିବ ସେତେବେଳେ କିନ୍ତୁ ସେ ପ୍ରଥମେ ଅମଙ୍ଗ ହେଉଥିଲେ । ହେଲେ ଏହାର ନିର୍ଦ୍ଦେଶକ ଆର୍ୟନ୍ ମୁଖାର୍ଜୀ ତାଙ୍କ କାନରେ କି ମନ୍ତ୍ର ଫୁଙ୍କିଲେ କେଜାଣି ତା'ପରେ ବିକିନି ଶଟ୍ ଦେବାକୁ କିଆରା ରାଜି ହୋଇଯାଇଥିଲେ । ଏ ନେଇ କିଆରା କହନ୍ତି, ''ଏକଥା ସତ ଯେ ପ୍ରଥମେ ଏହି ଫିଲ୍ମରେ ମୁଁ ବିକିନି ଶଟ୍ ଦେବାକୁ ରାଜି ନ ଥିଲି । କାରଣ ସେତେବେଳେ ଏହାର କାହାଣୀ ସହ କି ସଂଯୋଗ ରହିଛି ତାହାକୁ ଠିକ୍ ଭାବରେ ବୁଝି ପାରି ନ ଥିଲି । ହେଲେ ନିର୍ଦ୍ଦେଶକ ମୋତେ ପାଖାପାଖି ଅଧ ଘଣ୍ଟା ବୁଝାଇବା ପରେ ମୁଁ ପ୍ରକୃତ କଥା ଜାଣିପାରିଲି । କେବଳ ସେତିକି ନୁହେଁ, ଏଭଳି ଶଟ୍ ଦେବା ପୂର୍ବରୁ ମୋତେ ମୋ ଫିଟ୍‌ନେସ୍ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାକୁ ପଡିଥିଲା ।' ଏହି ସିନେମାର ପ୍ରଯୋଜନା କରିଛନ୍ତି ଆଦିତ୍ୟ ଚୋପ୍ରା । କିଆରାଙ୍କ ବ୍ୟତୀତ ଏଥିରେ ହ୍ରିତିକ ରୋଶନ ଏବଂ ଜୁନିୟର ଏନଟିଆରଙ୍କୁ ମଧ୍ୟ ଦେଖିବାକୁ ମିଳିବ । ଫିଲ୍ମଟି ଚଳିତ ବର୍ଷ ଅଗଷ୍ଟ ୧୪ରେ ରିଲିଜ ହେବାକୁ ଯାଉଛି ।



# ଭାଗ୍ୟବତୀ ଆଲିଆ

ଆଲିଆ ଭଟ୍ଟ ସତରେ ବଡ ଭାଗ୍ୟବତୀ । ଦେଖୁନାହାନ୍ତି, ସଞ୍ଜୟ ଲୀଲା ଭଁସାଲୀଙ୍କ ଲଗାତର ଦୁଇଟି ସିନେମାରେ ସେ ନାୟିକା ସାଜିବାର ସୁଯୋଗ ପାଇଛନ୍ତି । ପ୍ରଥମେ ସେ ତାଙ୍କ ନିର୍ଦ୍ଦେଶିତ 'ଗଙ୍ଗୁବାଈ କାଠିଆୱାଡି'ରେ ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ । ଆଉ ଏବେ ସଞ୍ଜୟଙ୍କ ନିର୍ମାଣାଧୀନ 'ଲଭ୍ ଆଣ୍ଡ ୱାର୍'ର ନାୟିକା ସାଜିଛନ୍ତି । ଏବେ ଏହି ଫିଲ୍ମର ଶୁଟିଂ ଭାରତର ବିଭିନ୍ନ ସ୍ଥାନରେ ଚାଲୁ ରହିଛି । ଏଥିରେ ତାଙ୍କର ନାୟକ ସାଜିଛନ୍ତି ରଣବୀର କପୁର । ଏହି ଯୋଡି ବ୍ୟତୀତ ଏହି ଚିତ୍ରରେ ଭିକି କୌଶଲ ମଧ୍ୟ ଅଭିନୟ କରୁଛନ୍ତି । ଏଭଳି ସୁଯୋଗ ବିଷୟରେ ଆଲିଆ କହନ୍ତି, ''ସଞ୍ଜୟ ସାର୍‌ଙ୍କ ଭଳି ନାମୀ ନିର୍ଦ୍ଦେଶକଙ୍କ ଅଧିନରେ ଲଗାତର ଦୁଇଟି ସିନେମାରେ ଅଭିନୟ କରିବା ଛୋଟିଆ କଥା ନୁହେଁ । 'ଗଙ୍ଗୁବାଈ କାଠିଆୱାଡି' ମୋ କ୍ୟାରିୟରକୁ କେତେ ମାଇଲେଜ୍ ଦେଇଛି ତାହା ବର୍ଣ୍ଣନା କରିବାକୁ ମୋ ନିକଟରେ ଭାଷା ନାହିଁ । ଏବେ ପୁଣି ତାଙ୍କର ନୂଆ ସିନେମା 'ଲଭ୍ ଆଣ୍ଡ ୱାର୍'ରେ ଅଭିନୟ କରୁଛି । ଏକ ତ୍ରିପାକ୍ଷିକ ପ୍ରେମ କାହାଣୀକୁ ନେଇ ଏହାକୁ ପ୍ରସ୍ତୁତ କରାଯାଉଛି । ଏଥିରେ ମୋତେ ଯେଉଁ ଭୂମିକାଟି ମିଳିଛି ସେଥିରେ କ'ଣ ରହିଛି ତାହା ଦର୍ଶକ ପରଦା ଉପରେ ଦେଖିଲେ ହିଁ ଜାଣିପାରିବେ ।''



ଆଲିଆ

# ଅପେକ୍ଷା ଶୁଭ ଦିନକୁ

ନୂଆ ଓଡ଼ିଆ ସିନେମା 'ମୁନ୍ନା ଭାଇ ବିବିଏସଆର' ଖୁବ୍ ଶୀଘ୍ର ରିଲିଜ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି । ଏକ ଭିନ୍ନ ଧରଣର କାହାଣୀକୁ ଆଧାର କରି ଏହାକୁ ପ୍ରସ୍ତୁତ କରାଯାଇଛି । ଏକଦା ଭୁବନେଶ୍ୱରରେ ରହୁଥିବା ଜଣେ ବ୍ଲଗର ହିମାଚଳ ପ୍ରଦେଶ ଯାଇଛି । ସଂଯୋଗ ବଶତଃ ସେହି ରାଜ୍ୟର ଜଣେ ଝିଅକୁ ପ୍ରେମ କରି ବସିଛି । ହେଲେ ସେଠାକାର ନିୟମ କିଛି ଅଲଗା । ତେବେ ସେହି ନିୟମଗୁଡିକ କ'ଣ ଆଉ ଏହି ପ୍ରେମ କାହାଣୀର ଶେଷ ପରିଣତି କ'ଣ ହେଉଛି ତାହା ଫିଲ୍ମଟି ଦେଖିଲେ ହିଁ ଜାଣିପାରିବେ । ନିଓ ପ୍ଲାଷ୍ଟ ଏଣ୍ଟରଟେନମେଣ୍ଟ ବ୍ୟାନରରେ ଏହାକୁ ନିର୍ମାଣ କରାଯାଇଛି । ଖାସ୍ କଥା ହେଲା, ଏହି ଫିଲ୍ମରୁ ଓଲିଉଡ୍‌ରେ ନିଜ ପ୍ରଯୋଜନା ଆରମ୍ଭ କରୁଛନ୍ତି ନବାଗତ ବିଚିତ୍ରାନନ୍ଦ ମୁଦୁଲି । ଫିଲ୍ମଟିର ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଛନ୍ତି ପୂର୍ବରୁ ବେଶ୍ କେତୋଟି ହିଟ୍ ସିନେମାର ନିର୍ଦ୍ଦେଶନା ଦେଇସାରିଥିବା ରମେଶ ରାଉତ । ଏହାର ଅଧିକାଂଶ ଶୁଟିଂ ହିମାଚଳ ପ୍ରଦେଶର ବିଭିନ୍ନ ମନୋରମ ଲୋକେସନରେ କରାଯାଇଛି । ଏଥିରେ ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଅଭିଜିତ ମଜୁମଦାର । କଣ୍ଠଦାନ କରିଛନ୍ତି ହ୍ୟୁମାନ ସାଗର, ଅନ୍ତରା ଚକ୍ରବର୍ତ୍ତୀ, ତାରିକ ଅଜିଜ ଏବଂ ସୌମ୍ୟ ପାଢ଼ୀ । ଏହାର ଟାଇଟଲ ଭୂମିକାରେ ଅଭିନୟ କରିଛନ୍ତି ଦେବରାଜ ଏବଂ ତାଙ୍କ ସହ ସ୍କ୍ରିନ୍ ସେୟାର କରିଛନ୍ତି ଆର୍ଲିନ ଅଙ୍କିତା । ଏଥିରେ ବବି ମିଶ୍ର, ଶ୍ୱେତା ଆଚାର୍ଯ୍ୟ ଏବଂ କୋରାପୁଟ କଟପାଙ୍କୁ ମଧ୍ୟ ଦେଖିବାକୁ ମିଳିବ ।



ଦେବରାଜ

# କାରଣ ଖୋଲିଲେ ଦୀପିକା

ସବୁ କଥାର ଏକ ସୀମା ଅଛି । ହେଲେ ଯେବେ ତାହା ସୀମା ଟପିଯାଏ ସେତେବେଳେ ତାକୁ ବରଦାସ୍ତ କରିବା ସମ୍ଭବ ହୋଇ ନ ଥାଏ । ସେମିତି ସବୁ ଧୈର୍ଯ୍ୟର ସୀମା ଟପିଗଲା ପରେ ଦୀପିକା ଆଉ ବିଳମ୍ବ କରି ନ ଥିଲେ । ଯାହା ହେଉ ପଛେ ଏଭଳି ପ୍ରୋଜେକ୍ଟ ଠାରୁ ନିଜକୁ ଶେଷରେ ଦୂରେଇ ନେଇଛନ୍ତି ସେ । କଥା କ'ଣ କି ପ୍ରଭାସଙ୍କୁ ନେଇ ନିର୍ମିତ ହେବାକୁ ଯାଉଥିବା ହିନ୍ଦୀ ସିନେମା 'ସ୍ପିରିଟ୍'ର ନାୟିକା ସାଜିଥାଆନ୍ତେ ଦୀପିକା ପାଦୁକୋନ୍ । କିନ୍ତୁ ପ୍ରଯୋଜନା ସଂସ୍ଥା ପକ୍ଷରୁ ଯେଉଁ କେତୋଟି ଟର୍ମ ଆଣ୍ଡ କଣ୍ଡିସନ ରଖାଗଲା, ତାହାକୁ ମାନିବାକୁ ରାଜି ନ ଥିଲେ ସେ । ଶେଷରେ ଏହି ଫିଲ୍ମର କାଷ୍ଟିଂରୁ ତାଙ୍କୁ ବାଦ୍ ଦେବାକୁ ନିର୍ଦ୍ଦେଶକ ସନ୍ଦୀପ ରେଡ୍ଡୀ ଭାଙ୍ଗାଙ୍କୁ ସେ କହିଥିଲେ । ଏ ନେଇ ଦୀପିକା କହନ୍ତି, ''ଏହି ଫିଲ୍ମ ପାଇଁ ପ୍ରଯୋଜନା ସଂସ୍ଥା ପକ୍ଷରୁ ଯେଉଁ ଟର୍ମ ଓ କଣ୍ଡିସନ୍ ରଖାଯାଇଥିଲା ତାହାକୁ ଗ୍ରହଣ କରିବା ମୋ ପକ୍ଷରେ ସମ୍ଭବ ନ ଥିଲା । ତେଣୁ ଏହି ସିନେମା ଠାରୁ ନିଜକୁ ଦୂରେଇ ନେବା ହିଁ ସବୁଠାରୁ ଭଲ ବୋଲି ଭାବିଲି । ଏକଥା ଜଣାଇବା ପରେ ପ୍ରଯୋଜନା ସଂସ୍ଥା ତାହାକୁ ଗ୍ରହଣ କରିନେଇଥିଲା । ସତ କଥା କହିବାକୁ ଗଲେ ଏହି ଅଫରକୁ ନେଇ ମୁଁ ଟିକେ ଟେନସନ୍‌ରେ ଥିଲି । ଏବେ ସେଭଳି ସମସ୍ୟାରୁ ମୁଁ ସମ୍ପୂର୍ଣ୍ଣ ମୁକ୍ତ ହୋଇଛି । ସେମାନଙ୍କ ସହ ମୋର କିଛି ମନୋମାଳିନ୍ୟ ଥିଲା ବୋଲି ଯାହା ପ୍ରଚାର କରାଯାଉଛି ତାହା ସମ୍ପୂର୍ଣ୍ଣ ମିଛ ।''



ଦୀପିକା

# ସତ ହେଲା ଆକଳନ



'ଟୁରିଷ୍ଟ ଫ୍ୟାମିଲି' ଫିଲ୍ମର ଏକ ଦୃଶ୍ୟ

ତାମିଲ ଫିଲ୍ମ 'ଟୁରିଷ୍ଟ ଫ୍ୟାମିଲି' ଏବେ ଚର୍ଚ୍ଚାର ପରିସରକୁ ଆସିଛି । ମାତ୍ର ୭କୋଟି ବଜେଟରେ ପ୍ରସ୍ତୁତ ଏହି ସିନେମା ଗତ ମାସ ୧ ତାରିଖରେ ପରଦା ଉପରକୁ ଆସିଥିଲା । ମାତ୍ର କେଇ ସପ୍ତାହ ଭିତରେ ଏହା ବକ୍ସ ଅଫିସରେ ହଇଚଇ ସୃଷ୍ଟି କରିଛି । ଇତି ମଧ୍ୟରେ ଏହି ଫିଲ୍ମ ପାଖାପାଖି ୭୭ କୋଟି ଆୟ କରିସାରିଲାଣି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି । ଯେତେବେଳେ ଏହାର କାହାଣୀ ଫାଇନାଲ ହେଲା ସେତେବେଳେ ନିର୍ଦ୍ଦେଶକ ଅବିଶାନ ଜୀଭିତ ପ୍ରଯୋଜକଙ୍କୁ କହିଥିଲେ ଯେ, 'ଆପଣ କେବଳ ଫିଲ୍ମଟିର ରିଲିଜ ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ । ଆମ ସିନେମା ଲୋ' ବଜେଟର ଏକଥା ମୁଁ ମାନୁଛି, ହେଲେ ବକ୍ସ ଅଫିସରେ ଏହା ଭଲ ବିଜନେସ୍ କରିବ ।' ଯାହାହେଉ ମାତ୍ର ଚାରି ସପ୍ତାହ ଭିତରେ ଏହି ସିନେମା ୭୭ କୋଟି ବିଜନେସ କରିବାରେ ସକ୍ଷମ ହୋଇଛି । ତା' ସହ ଚିତ୍ରଟି ପ୍ରତି ଦର୍ଶକଙ୍କ ଆଗ୍ରହ ବୃଦ୍ଧି ପାଉଛି । ଶ୍ରୀଲଙ୍କା ଅର୍ଥନୈତିକ ସମସ୍ୟାରେ ବୁଡି ଯାଇ ଯେଉଁ ପରିସ୍ଥିତିର ସମ୍ମୁଖୀନ ହୋଇଥିଲା, ସେହି ସମୟରେ ସେଠାରେ ରହୁଥିବା ଏକ ତାମିଲ ପରିବାର କିଭଳି ତାମିଲନାଡୁ ଫେରିଆସିଛନ୍ତି । ଆଉ ତା'ପରେ ତାଙ୍କ ସହ କ'ଣ ଘଟୁଛି ତାକୁ ନେଇ କାହାଣୀ ଗତି କରିଛି । ଫିଲ୍ମଟିର ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି ଏମ. ଶଶୀକୁମାର, ସୀମରନ୍ ବାଗା, ମିଥୁନ ଜୟ ଶଙ୍କର, ଯୋଗୀ ବାବୁ ଏବଂ ଏମ.ଏସ. ଭାସ୍କର ପ୍ରମୁଖ କଳାକାର ।



ମୃଣାଳ

# ବରୁଣଙ୍କ ପ୍ରଶଂସାରେ ମୃଣାଳ

ମୃଣାଳ ଠାକୁର ଏବେ ଜଣଙ୍କର ପ୍ରଶଂସାରେ ଶତମୁଖ । କେମିତି ବା ପ୍ରଶଂସା କରିବେ ନାହିଁ କହୁନାହାନ୍ତି ? କଥା କ'ଣ କି ଏହି ଯୋଡିକୁ ନେଇ ନିର୍ମିତ 'ହେ ଜୱାନୀ ତୋ ଇସ୍କ ହୋନା ହୈ'ର ମୁକ୍ତିଲାଭ ତାରିଖ ନିକଟରେ ଫାଇନାଲ ହୋଇଛି । ଆଉ ଅସଲ କଥା ହେଲା ଏହି ତାରିଖରେ ରିଲିଜ କରିବାକୁ ବରୁଣ ପ୍ରଥମେ ପ୍ରପୋଜାଲ୍ ଦେଇଥିଲେ । ପ୍ରଯୋଜନା ସଂସ୍ଥା ଏହା ଉପରେ ବିଚାର ବିମର୍ଷ କରି ସେଥିରେ ଫାଇନାଲ ମୋହର ମାରିଛି । ସିନେମାଟି ଆସନ୍ତା ବର୍ଷ ଏପ୍ରିଲ ୧୦ରେ ପରଦା ଉପରକୁ ଆସିବ । ଆଉ ଏ ନେଇ ବରୁଣଙ୍କୁ ଢ଼େର ପ୍ରଶଂସା କରିଛନ୍ତି ମୃଣାଳ । ଏ ବିଷୟରେ ମୃଣାଳ କହନ୍ତି, ''ବରୁଣ ଯେଉଁ ତାରିଖରେ ରିଲିଜ ହେବ ବୋଲି ପୂର୍ବରୁ କହିଥିଲେ ଯାହାହେଉ ତାହା ଫାଇନାଲ ହୋଇଛି । ଏନେଇ ମୁଁ ତାଙ୍କୁ ଯେତେ ପ୍ରଶଂସା କରିବି ତାହା କମ୍ ହେବ । ଅନ୍ୟପକ୍ଷରେ ଶୁଟିଂ ସମୟରେ ତାଙ୍କଠାରୁ ଅଭିନୟ ବିଷୟରେ ଅନେକ କିଛି ଶିଖିଛି । ସତ କଥା କହିବାକୁ ଗଲେ ବରୁଣଙ୍କ ସହ ଆକ୍ଟିଂ କରିବାର ମଜା ନିଆରା ।'' ସବୁଠାରୁ ଖାସ୍ କଥା ହେଲା, ଏହାର କାହାଣୀ ରଚନା ସହ ନିର୍ଦ୍ଦେଶନା ଦେଇଛନ୍ତି ବରୁଣଙ୍କ ବାପା ତଥା ବଲିଉଡ୍‌ର ଅନ୍ୟତମ ଡେଭିଡ୍ ଧାୱନ । ଏହି ଫିଲ୍ମରେ ପୂଜା ହେଗଡେ ମଧ୍ୟ ଅଭିନୟ କରିଛନ୍ତି । ତେବେ ଏହି ଫିଲ୍ମରେ କି ମସଲା ରହିଛି ତାହା ରିଲିଜ ପରେ ହିଁ ଜଣାପଡିବ ।

# ୫ଟଙ୍କା ଥିଲା ପ୍ରଥମ ରୋଜଗାର

ପ୍ରଥମ ରୋଜଗାର



ସାହିତ୍ୟିକ ତଥା ଚିତ୍ରକର **ଜିତେନ୍ଦ୍ର ପରିଡ଼ା** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

୧୯୭୫ କି ୭୬ ମସିହାର କଥା। ମୁଁ ବୃତ୍ତି ପରୀକ୍ଷା ଦେଇ ଫଳାଫଳକୁ ଅପେକ୍ଷା କରିଥାଏ। ସନ୍ଧ୍ୟାବେଳେ ବାବା କଚେରୀରୁ ଫେରି କହିଲେ, 'ଡଃ ହରେକୃଷ୍ଣ ମହତାବ ଯେଉଁ ସବୁ ମୀନାମଣ୍ଡଳୀ ଗଠନ କରିଛନ୍ତି ତାହାର ଜହ୍ନୁରୀ ଭାଇ ହେଲେ ରାମଚନ୍ଦ୍ର ସାହୁ। ସେ ଆମ କେନ୍ଦୁଝରରେ ଜିଲା ସ୍ତରୀୟ ଏକ ପ୍ରବନ୍ଧ ପ୍ରତିଯୋଗିତା କରିବାକୁ ଯାଉଛନ୍ତି, ତୁ ସେଥିରେ ଭାଗନେବୁ।' ବୃତ୍ତି ପରୀକ୍ଷା ସରିଛି ଫୁର୍ତ୍ତୀ କରିବା ଜାଗାରେ ଆଉ ଏକ ପରୀକ୍ଷା। ମନଟା ବିଷେଇ ଉଠିଲା। ତଥାପି ମନକୁ ବୁଝେଇ ଆମ ନେତାଜୀ ମୀନାମଣ୍ଡଳୀ ତରଫରୁ ନାଁ ଟା ଦେଇଦେଲି। ସ୍ଥିରିକୃତ ଦିନ ନଗର ଭବନକୁ ଜିଲାର ବିଭିନ୍ନ କୋଣ ଅନୁକୋଣରୁ ପୁଅଝିଅ ଆସିଥିଲେ। ପରୀକ୍ଷା ହେଲା, ବିଷୟ ଥିଲା 'ଆଗାମୀ ଦିନରେ ଓଡିଶାର ଭବିଷ୍ୟତ'। ସତ କହିବାକୁ ଗଲେ, ସେତେବେଳେ ସ୍କୁଲ ଲାଇବ୍ରେରୀରୁ ମୁଁ ଜହ୍ନମାମୁଁ, ମନପବନ, ଓଡିଆରେ ଟମକକାଙ୍କ କୁଟୀର ପଢି ସାରି ଦେଇଥାଏ। ତେଣୁ ଭଲ ଲେଖାଟେ ଲେଖିବାର ଶୈଳୀ ମୋତେ ବେଶ୍ ଜଣାଥିଲା। ୩ଦିନ ପରେ ପରୀକ୍ଷା ଫଳ ବାହାରିଲା। ଆମ ଅଞ୍ଚଳରେ ମୁଁ ପ୍ରଥମ ସ୍ଥାନ ଅଧିକାର କରିଥିଲି ଏବଂ ମହତାବଜୀଙ୍କ ଠାରୁ ଜହ୍ନୁରୀ ଭାଇଙ୍କ ମାର୍ଫତରେ ୫ଟଙ୍କା ପୁରସ୍କାର ପାଇଥିଲି ; ଯାହାକି ଥିଲା ମୋ ପ୍ରଥମ ରୋଜଗାର। ସେଥିରୁ ୯୦ପଇସାର ଟିକେଟ୍ କାଟି ସିନେମା ଦେଖିଥିଲି, ୧୦ ପଇସାର ଚେନାଚୁର, ୧ଟଙ୍କାର ଏକ କମଳା ରଙ୍ଗର କରାଭାନ କଲମ, ୯୦ପଇସାର କାଳି ବୋତଲ, ୧୦ ପଇସା ଜଣେ ବୃଦ୍ଧାଙ୍କୁ ଦାନ, ୧ଟଙ୍କାର ଜଳଖିଆ ; ଯାହାକୁ ଘରର ସମସ୍ତେ ଖାଇଥିଲେ ଆଉ ଟଙ୍କାଟେ ଜେଜେମା'କୁ ଦେଇଥିଲି ମୋତେ ଧାନକଟା ଛୁଟିରେ ସୁଧ ସହ ପାଞ୍ଚ ଟଙ୍କା ଦେବାକୁ ରାଜି ହେବାରୁ। ବାବା ସବୁ ଜାଣି କହିଥିଲେ, 'ଏଇଟା ସମସ୍ତଙ୍କ କଥା ବୁଝିବ ହେଲେ ସବୁବେଳେ ଦୁଃଖରେ ରହିବ।' ସତକୁସତ ୧୬ ବର୍ଷରେ ଗାଁରୁ ତଡା ଖାଇଲି ଏକ ଦୁରାରୋଗ୍ୟ ବ୍ୟାଧିରେ ପଡି। ବାବା ସେତେବେଳକୁ ଆରପାରିକୁ ଚାଲିଯାଇଥିଲେ ଆଉ ମା' ସ୍ଥାଣୁ ସ୍ଥବିର ପାଲଟି ଯାଇଥିଲେ, ସତେ ଯେମିତି ସମୟଟା ଅଟକି ଯାଇଥିଲା ତାଙ୍କ ପାଖରେ। ଏକା ଏକା କେନ୍ଦୁଝର ସହରକୁ ଚାଲି ଆସି ଏକ ସମ୍ପର୍କୀୟ ମାଉସୀଙ୍କ ଘରେ ରହି ଟିଉସନ କରିବା ସହ ନମ୍ବର ପ୍ଲେଟ, ସାଇନବୋର୍ଡ ଲେଖା ବୃତ୍ତିକୁ ଆପଣେଇନେଲି। ଗୋଟିଏ ନମ୍ବର ପ୍ଲେଟ ଲେଖିଲେ ୨୦ଟଙ୍କା, ସାଇନବୋର୍ଡ ଲେଖିଲେ ସ୍କୋୟାର ଫୁଟକୁ ୨୦ଟଙ୍କା, ଏମିତି ଭାବେ କିଛି ରୋଜଗାର କଲି। ଗାଁରେ ଥିଲାବେଳେ ଥରେ ଏକ ବକ୍ତୃତା ପ୍ରତିଯୋଗିତାରେ ମୋର ବିଜୁବାବୁଙ୍କ ସହ ଦେଖା ହୋଇଥିଲା। ମୋ ବକ୍ତୃତା ତାଙ୍କୁ ଏତେ ପ୍ରଭାବିତ କରିଥିଲା ଯେ, ସେ ମୋ ସହିତ କିଛି ସମୟ କଥା ହେଲେ ଆଉ ମୋତେ ତାଙ୍କ ଠିକଣା ଦେଇ କହିଲେ, ପରେ କେତେବେଳେ ଆସି ଦେଖା କରିବାକୁ। ତେଣୁ ତାଙ୍କୁ ଯାଇ ଦେଖାକଲି। ମୋ ଅବସ୍ଥା ଦେଖି ଦୁଃଖ ପ୍ରକାଶ କଲେ ଆଉ ସାହାଯ୍ୟ କରିବାକୁ ପ୍ରତିଶ୍ରୁତି ଦେଲେ। ଯେହେତୁ ମୁଁ ସେତେବେଳେ କାନ୍ଥବାଡରେ ଲେଖିବା କାମ କରୁଥିଲି, ତେଣୁ ସେ ମୋତେ ୧୯୮୫ ମସିହା ରାଇରଙ୍ଗପୁର ଉପ ନିର୍ବାଚନର ମୁଖ୍ୟ ପ୍ରଚାରକ ଦାୟିତ୍ୱ ଦେଲେ। ସୂଚାରୁରୂପେ ମୁଁ ମୋ ଦାୟିତ୍ୱ ତୁଲାଇଥିବାରୁ ତାଙ୍କ ପାର୍ଥୀ ଚୈତନ ମାଝୀ ବିଜୟୀ ହେଲେ ; ଯେଉଁଥିରେ ଖୁସି ହୋଇ ବିଜୁବାବୁ ମୋତେ ଡାକି ୧୫ ହଜାର ଟଙ୍କା ଦେବା ସହ କେନ୍ଦୁଝର ଡିଆଇସି ମ୍ୟାନେଜରଙ୍କୁ ଫୋନ କରି ମୋ ନାଁରେ ଏକ ପେଣ୍ଟିଂ ୟୁନିଟ୍ ଖୋଲି ଦେବାପାଇଁ କହିଲେ। ସବୁ ଭଲ ଚାଲିଥିଲା। କିନ୍ତୁ ଯେବେଠୁ ମୋ ସ୍ତ୍ରୀ କେନ୍ଦୁଝର ସହରର ଉପନଗରପାଳ ହେଲେ, ଲୋକଙ୍କ ସମସ୍ୟା ବୁଝୁବୁଝୁ ସେଥିରେ ଅବହେଳା ହେଲା। ତେଣୁ ପେଣ୍ଟିଂ ୟୁନିଟ୍ ଖୋଲିବା ପାଇଁ ଯେଉଁ ଋଣ କରିଥିଲି ତାକୁ ଶୁଝିବାକୁ ଟିକେ କଷ୍ଟ ହେଲା ; ତଥାପି ଶୁଝିଦେଲି। ତା'ପରେ ବିଜୁବାବୁଙ୍କ ସୁପାରିଶ କ୍ରମେ, ବେସାମରିକ ଯୋଗାଣ ବିଭାଗରେ ଏକ ଖାଦ୍ୟ ଯୋଗାଣକାରୀ ପ୍ରତିନିଧି ଭାବେ କାମ କରିବାକୁ ଲାଗିଲି। ଅବଶ୍ୟ ପରେ ବିଜୁବାବୁ ଆଗ୍ରହ ପ୍ରକାଶ କରିଥିଲେ, ମୋ ନାଁରେ ଏକ ପେଟ୍ରୋଲ ପମ୍ପଟେ କରିବା ପାଇଁ। କିନ୍ତୁ ଠିକ୍ ସମୟରେ ମୁଁ ତାଙ୍କୁ ମନେ ନ ପକାଇବାରୁ ତାହା ହବ ହବ ବୋଲି ଆଉ ହେଇ ପାରିଲାନି। ସେତିକି ଅବସୋସ ରହିଗଲା। ହେଲେ ମୋ ପେଣ୍ଟିଂ କାମ ସେମିତି ଜାରି ରହିଥିଲା। ତା'ସହିତ ଲେଖାଲେଖି ବି କରୁଥିଲି। କାରଣ ମୀନାମଣ୍ଡଳୀ ପ୍ରବନ୍ଧ ପ୍ରତିଯୋଗିତାରେ ପ୍ରଥମ ରୋଜଗାର ଭାବେ ପାଇଥିବା ସେହି ୫ଟଙ୍କା ମୋତେ ସବୁଠୁ ଅଧିକ ଆନନ୍ଦ ଦେଇଥିଲା। ସେଥିପାଇଁ ବୋଧହୁଏ ମୁଁ କେବେ ଲେଖା ଛାଡିନି କି ଛାଡ଼ି ପାରିବିନି। ୟା'ଭିତରେ ମୋର ୨ଟି କବିତା ସଂକଳନ 'ଛିନ୍ନ ପତ୍ର', 'ଛାଇଠାରୁ ଦୂରରେ' ଏବଂ ୧ଟି ଗଳ୍ପ ସଂକଳନ 'ଧୂଷର ମଧ୍ୟାହ୍ନ' ପ୍ରକାଶ ପାଇସାରିଛି। ତେବେ ମୁଁ ମୋର ରୋଜଗାର ଟଙ୍କାକୁ ସର୍ବଦା ଚିତ୍ରକଳାର ଉନ୍ନତି ଓ ଗରିବ ପିଲାଙ୍କୁ ସାହାଯ୍ୟ କରିବାରେ ଖର୍ଚ୍ଚ କରି ଖୁସି ପାଇଆସିଛି।

# କାହାଣୀ ଅଧାକୁ ସପନ ଅଧା, କେବେ ଆସିବ ମୋ ମନର ରାଧା




**ପ୍ରଶ୍ନ**–ଜଣେ ଝିଅ ଦେଖିଲେ କେତେବେଳେ ହସି ଦେଉଛି ତ କେତେବେଳେ ରୁଷୁଛି। ସେ କ'ଣ ସତରେ ମୋତେ ଭଲ ପାଉଛି ?

*–ଅମିତ କୁମାର, ଯାଜପୁର*

**ଉତ୍ତରଃ** କଥାରେ ଅଛି–ସମଝଦାର୍ ଆଦମୀ କୋ ଇସାରା କାଫି ହୈ। ସେହି ସୁନ୍ଦରୀର ହସକୁ ଯଦି ଭଲ ଭାବରେ ପଢ଼ି ପାରନ୍ତେ ତେବେ ଆପଣଙ୍କ ସମସ୍ୟା ଅନେକ ଦୂର ହୋଇଯାଆନ୍ତା। 'କାହାଣୀ ଅଧାକୁ ସପନ ଅଧା, କେବେ ଆସିବ ମୋ ମନର ରାଧା'। ଆପଣଙ୍କ ପ୍ରେମର ପହିଲି ଇସାରା ହୁଏତ ସେହି ହସ ଆଉ ରୁଷାରେ ଲୁଚି ରହିଛି।

**ପ୍ରଶ୍ନ**–ସେ ମୋ ମନର ମାନସୀ, ତାହାର ଲାଜୁଆ ହସରେ କ'ଣ ସତରେ ପ୍ରେମ ଭରି ରହିଛି ? ସେ ମୋତେ ପ୍ରେମ କରୁଛି କି ନାହିଁ ବୋଲି କେମିତି ଜାଣିବି ?

*–ପ୍ରମୋଦ, କଟକ*

**ଉତ୍ତରଃ** ଆପଣ ବୋଧହୁଏ ସେହି ସୁନ୍ଦରୀକୁ ଏକତରଫା ପ୍ରେମ କରୁଛନ୍ତି। ଯେହେତୁ ସେହି ଝିଅଟି ଆପଣଙ୍କୁ ଦେଖି ଲାଜେଇ ଲାଜେଇ ହସୁଛି, ତେଣୁ ସେ ଲଭ୍ କରୁଛି କି ନାହିଁ ଆପଣ ସନ୍ଦେହ ଘେରରେ ଅଛନ୍ତି। ଥରେ ସାହସ କରି ତା' ଆଖିରେ ଆଖି ମିଶାନ୍ତୁ। ତା' ଆଖିରୁ ଯଦି କିଛି ପ୍ରେମର ଝଲକ୍ ପାଇଲେ, ବିଳମ୍ବ ନ କରି ତାକୁ ନିଜ ମନ କଥା କହି ଦିଅନ୍ତୁ।

**ପ୍ରଶ୍ନ**–ପ୍ରେମ ନିଶା କ'ଣ ସତରେ ଗାଢ଼ ? ମୁଁ ଜଣେ ଝିଅକୁ ଭଲ ପାଉଛି। ହେଲେ ମୋତେ ତ ସେମିତି କିଛି ଲାଗୁନାହିଁ। ଏବେ ମୁଁ କ'ଣ କଲେ ଠିକ୍ ହେବ ?

*–ଜିତେଶ ରାଉତ, କେନ୍ଦ୍ରାପଡା*

**ଉତ୍ତରଃ**ପ୍ରେମର ନିଶା କେତେ ଗାଢ଼ ଯିଏ ଅନୁଭବ କରିଛି ସିଏ ଜାଣିଛି। ହେଲେ କେବଳ ଭଲ ପାଇଲେ ହେବନାହିଁ, ସେଥିରେ ସେପରି ଆତ୍ମୀୟତା ରହିବା ଦରକାର। ଯଦି ପ୍ରେମ କେବଳ ନାମକୁ ମାତ୍ର କରୁଥାଆନ୍ତି ତାହା ସବୁବେଳେ ପାଣିଚିଆ ଲାଗିଥାଏ। ତେଣୁ ନିଜ ପ୍ରେମ ଆଉ ପ୍ରେମିକା ଉପରେ ଶତ ପ୍ରତିଶତ ବିଶ୍ୱାସ ରଖନ୍ତୁ। ପ୍ରେମରେ ଯେମିତି ଅବିଶ୍ୱାସର ଭାଇରସ୍ ଏଣ୍ଟ୍ରି ନ କରେ ସେଥିପ୍ରତି ସତର୍କ ରୁହନ୍ତୁ।


**ପ୍ରଶ୍ନ**–ଜଣେ ଝିଅକୁ ମୁଁ କେତେ ଥର 'ଆଇ ଲଭ୍ ୟୁ' କହିସାରିଲାଣି। ହେଲେ ସେ ମୋତେ କିଛି କହିବାକୁ ଚାହୁଁଛି। ହେଲେ କହୁନି କାହିଁକି ?

*–ଦିନେଶ କୁମାର ସାହୁ, ରାଉରକେଲା*

**ଉତ୍ତରଃ** ସେ ବୋଧହୁଏ ଆପଣ କହିଥିବା 'ଆଇ ଲଭ୍ ୟୁ'କୁ ତର୍ଜମା କରୁଛି। ସେ ଆପଣଙ୍କୁ କିଛି କହିବାକୁ ଚାହୁଁଛି। ଏହାର ଅର୍ଥ ଆପଣ ତା'ର ଚାହାଣୀ, କଥାବାର୍ତ୍ତା ଶୈଳୀରୁ ଅନୁମାନ କରିପାରିବେ। ହେଲେ ତାହାକୁ ଠିକ୍ ଭାବରେ ପଢ଼ି ପାରିଲେ ହେଲା। ସେ ଝିଅଟି ଯଦି କିଛି କହିବାକୁ ବିଳମ୍ବ କରୁଛି, ଅଧୈର୍ଯ୍ୟ ହୁଅନ୍ତୁ ନାହିଁ ? ନିଜର ଆଗ୍ରହ,ଉତ୍ସାହରେ ଟିକେ ଲଗାମ ଦିଅନ୍ତୁ। ହୁଏତ ବିଳମ୍ବରେ ଆପଣଙ୍କୁ ଶୁଭ ଖବର ମିଳିପାରେ !

**ପ୍ରଶ୍ନ**–ମୋ ପ୍ରେମିକାକୁ ନେଇ ମୁଁ ଅନେକ କବିତା ଲେଖିଛି। ହେଲେ ସେଗୁଡିକୁ ସେ ପ୍ରଶଂସା କରୁନାହିଁ। କ'ଣ କରିବି ? *–ଅନନ୍ତ ଦାସ, ଆନନ୍ଦପୁର, କେନ୍ଦୁଝର*

**ଉତ୍ତରଃ** ଆପଣଙ୍କ ଭିତରେ କବିତା ଲେଖିବାର ପ୍ରତିଭା ଅଛି–ତାହା ନିଶ୍ଚୟ ସ୍ୱାଗତଯୋଗ୍ୟ। ହେଲେ ଆପଣଙ୍କ ପ୍ରେମିକା ମଗଜରେ ସେକଥା ପଶିବା ଦରକାର। ସେ ହୁଏତ ଭାବୁଥିବ ଯେ, ଆପଣ ଏମିତି କିଛି କବିତା ଲେଖୁଛନ୍ତି। ତେଣୁ ନିଜେ ଜଣେ କବି ଆଉ ସୁନ୍ଦର ପ୍ରେମ କବିତା ଲେଖିବାରେ ଆପଣଙ୍କର ପଟୁତା ରହିଛି ବୋଲି ସେପରି ବିଶ୍ୱାସ ପ୍ରଥମେ ପ୍ରେମିକା ମନରେ ସୃଷ୍ଟି କରନ୍ତୁ। ତା'ପରେ ହୁଏତ ସେ ଆପଣଙ୍କ ରଚିତ ତଥା ମନକୁ ଛୁଇଁଲା ଭଳି କବିତାଗୁଡିକୁ ପଢ଼ିବାକୁ ଚେଷ୍ଟା କରିବେ।




# ଆମ ହାତରେ ଆମ ଜଙ୍ଗଲ

**କୁହାଯାଏ ଅରଣ୍ୟର ବି ନିଜସ୍ୱ ଭାଷା ଅଛି। ସେ ଭାଷାକୁ ଥରେ ବୁଝିବା ଦରକାର। ଯିଏ ବୁଝିଛନ୍ତି, ସେ ଜଙ୍ଗଲ ସଜାଡ଼ିବାରେ ଲାଗିଛନ୍ତି। ଅରଣ୍ୟର ଭାଷା ବୁଝୁଛନ୍ତି ସେମିତି କେତୋଟି ଗାଁର ଲୋକ। ସେଇଥିପାଇଁ ସେମାନେ ନିଜ ଚେଷ୍ଟାରେ ସଜାଡୁଛନ୍ତି ଉଜୁଡ଼ା ଜଙ୍ଗଲକୁ ଆଉ ସୃଷ୍ଟି କରୁଛନ୍ତି ସବୁଜ ସୁନ୍ଦର ପରିବେଶ...**









କୁହାଯାଏ ଅରଣ୍ୟର ବି ନିଜସ୍ୱ ଭାଷା ଅଛି। ସେ ଭାଷାକୁ ଥରେ ବୁଝିବା ଦରକାର। ଯିଏ ବୁଝିଛନ୍ତି, ସେ ଜଙ୍ଗଲ ସଜାଡ଼ିବାରେ ଲାଗିଛନ୍ତି। ଅରଣ୍ୟର ଭାଷା ବୁଝୁଛନ୍ତି ସେମିତି କେତୋଟି ଗାଁର ଲୋକ। ସେଇଥିପାଇଁ ସେମାନେ ନିଜ ଚେଷ୍ଟାରେ ସଜାଡୁଛନ୍ତି ଉଜୁଡ଼ା ଜଙ୍ଗଲକୁ ଆଉ ସୃଷ୍ଟି କରୁଛନ୍ତି ସବୁଜ ସୁନ୍ଦର ପରିବେଶ। ସେମାନଙ୍କ ମଧ୍ୟରୁ ବରପାଲି ପାଞ୍ଚ ମୌଜାର ଗ୍ରାମବାସୀ ; ଯିଏକି ନିଜ ଉଦ୍ୟମରେ ଏକ ନଣ୍ଡାପାହାଡ଼କୁ ନୂଆ ରୂପ ଦେଇ ସୃଷ୍ଟି କରିଛନ୍ତି ଧାନୀ ଜଙ୍ଗଲ। ଏହି ଜଙ୍ଗଲ ରହିଛି ନୟାଗଡ଼ ଜିଲାର ରଣପୁର ବ୍ଲକ ଅନ୍ତର୍ଗତ ରାଇପଡ଼ା ଗ୍ରାମପଞ୍ଚାୟତ ଅଧୀନରେ। ଦିନେ ଏହି ଧାନୀ ପାହାଡ଼ ଥିଲା ପୁରା ଟାଙ୍ଗରା। ସମୟ କ୍ରମେ ସ୍ଥାନୀୟ ଗ୍ରାମବାସୀ ଓ ଜଙ୍ଗଲ ବିଭାଗର ସହଯୋଗରେ ୧୯୮୭ ମସିହାରେ ଚିନ୍ତା କରାଗଲା କିପରି ଜଙ୍ଗଲ ସୁରକ୍ଷା ହେବ। ସେଥିପାଇଁ ବୃକ୍ଷରୋପଣ ନିମନ୍ତେ ଏହି ଅଞ୍ଚଳରେ ଏକାଧିକ ଥର ଗ୍ରାମସଭା ଡକାହେଲା। ଜଙ୍ଗଲର ଉପକାରିତାକୁ ଅନୁଭବ କରୁଥିଲେ ଲୋକମାନେ। ତେଣୁ ସେମାନେ ନିଷ୍ପତ୍ତି ନେଲେ ଯେମିତି ବି ହେଉ ଜଙ୍ଗଲ ରକ୍ଷା କରିବେ। ସେଇଠୁ ଆରମ୍ଭ ହେଲା ବୃକ୍ଷରୋପଣ କାର୍ଯ୍ୟକ୍ରମ। ଏହି ଗ୍ରାମର ଜଣେ ଅଧିବାସୀ ଅଧ୍ୟାପକ ବଳରାମ ପାଇକରାୟ କୁହନ୍ତି, 'ଧାନୀ ଜଙ୍ଗଲ ସୁରକ୍ଷା ପାଇଁ ବରପାଲୀ, ପଣସପୁର, ବଳାରାମପୁର, କିଆପଲା ଓ ଅର୍ଜୁନପୁର ଆଦି ପାଞ୍ଚ ମୌଜାର ଲୋକମାନେ ଅଣ୍ଟା ଭିଡ଼ିଥିଲେ। ଏହି ପାହାଡ଼ରେ ଜଙ୍ଗଲ ସୃଷ୍ଟି ପାଇଁ ପ୍ରଥମେ ପ୍ରଥମେ ଗ୍ରାମବାସୀଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା। କିନ୍ତୁ ଜଙ୍ଗଲ ସୁରକ୍ଷାପାଇଁ ଏମାନେ ଅଟଳ ରହିଥିଲେ। ଜଙ୍ଗଲ ସୁରକ୍ଷା କମିଟି ଜରିଆରେ ଗ୍ରାମବାସୀଙ୍କଠାରୁ ମୁଠିଚାଉଳ ସଂଗ୍ରହ କରାଯାଉଥିଲା। ଏଥିରେ ୪ଜଣଙ୍କୁ ଜଙ୍ଗଲ ଜଗିବା ପାଇଁ ବ୍ୟବସ୍ଥା କରାଯାଇଥିଲା। ସେବେଠାରୁ ଜଙ୍ଗଲ ସୁରକ୍ଷାକାରୀମାନେ ହାତରେ ଠେଙ୍ଗା ଓ କାନ୍ଧରେ ହତିଆର ଧରି ଜଙ୍ଗଲର ସୁରକ୍ଷା କରିଆସୁଛନ୍ତି।' ଆଉ ଜଣେ ଅଧିବାସୀ ବିରଞ୍ଚି ପ୍ରଧାନ କୁହନ୍ତି, 'ଜଣେ କି ଦୁଇଜଣ ନୁହେଁ ପ୍ରାୟ ୫ଖଣ୍ଡ ଗାଁର ଜଙ୍ଗଲ ସୁରକ୍ଷା ସମିତିର ସଦସ୍ୟମାନେ ନିଜସ୍ୱ ଉଦ୍ୟମରେ ସ୍ୱତନ୍ତ୍ର ଭାବେ ଗୋଟିଏ ଗୋଟିଏ ଜଙ୍ଗଲର ସୁରକ୍ଷା ପ୍ରତି ଦୃଷ୍ଟି ଦେଇଥାନ୍ତି। ଅତୀତରେ ଏହି ଜଙ୍ଗଲକୁ ବୁଲିବାକୁ ଆସିଥିବା ଜଣେ ସ୍ୱିଡେନ ନାଗରିକ, ଏହି ଜଙ୍ଗଲର ପରିବେଶକୁ ଦେଖି ଖୁସି ହୋଇ ପାଞ୍ଚମୌଜା ଧାନୀ ଜଙ୍ଗଲ କମିଟିକୁ ୧୦ ହଜାର ଟଙ୍କା ପ୍ରଦାନ କରିଥିଲେ। ପୂର୍ବରୁ ଏହି ଜଙ୍ଗଲର ସୁରକ୍ଷାକମିଟିକୁ ତାଙ୍କ କାର୍ଯ୍ୟପାଇଁ ପ୍ରକୃତିମିତ୍ର ପୁରସ୍କାର ମିଳିଛି। ଏହି ଜଙ୍ଗଲ ପ୍ରାୟ ୩୮୯ ହେକ୍ଟର ପରିମିତ ଅଞ୍ଚଳ ହୋଇଥିବାବେଳେ ଏହା ମଧ୍ୟରେ ରହିଛି ଶାଗୁଆନ ଓ ବାଉଁଶ ସମେତ ୪ଶହରୁ ଊର୍ଦ୍ଧ୍ୱ ବିଭିନ୍ନ ପ୍ରକାରର ହଜାର ହଜାର ବୃକ୍ଷଲତା। ଏହାବାଦ୍ ଏହି ଜଙ୍ଗଲରେ ହାତୀ, ବାର୍ହା ଆଦି ବିଭିନ୍ନ ଜୀବଜନ୍ତୁ ବି ରହିଛନ୍ତି। ଗାଁର ଲୋକମାନେ ଏହି ଜଙ୍ଗଲରୁ ଟୁଙ୍ଗା, କରବା, ପିଜୁଳି, ବେତକୋଳି, ଖଳିପତ୍ର, ଝୁମ୍ପୁରୀ, ଶତାବରୀ, କେନ୍ଦୁ, ଅଁଳା, ବରକୋଳି ଆଦି ଜଙ୍ଗଲ ଜାତଦ୍ରବ୍ୟ ସଂଗ୍ରହ କରିଥାନ୍ତି।'

ସେହିପରି ରଣପୁର ଅଞ୍ଚଳର ବନ୍ଧମୁଣ୍ଡା, କୋଦଳାପଲ୍ଲୀ, ସୁରକାବାଡ଼ି, ଶଙ୍ଖଯୋଡ଼ି, ଡେଙ୍ଗାଝରୀ ଆଦି ଅଞ୍ଚଳରେ ଥିବା ଜଙ୍ଗଲକୁ ସେହି ଅଞ୍ଚଳର ମହିଳା ଓ ପୁରୁଷମାନେ ପାଳିକରି ଜଗି ଆସୁଛନ୍ତି। ବନ୍ଧମୁଣ୍ଡାର ମହିଳା ଗ୍ରାମବାସୀ ସକାଳୁ ନିଜର ଘରର ସମସ୍ତ କାମସାରି ଏକାଠି ବାହାରିପଡ଼ନ୍ତି ଜଙ୍ଗଲ ସୁରକ୍ଷାରେ। କୋଦଳାପଲ୍ଲୀର ମଞ୍ଜୁ ପ୍ରଧାନ କୁହନ୍ତି, 'ଆମ ଗାଁକୁ ଲାଗି ରହିଛି ଜଙ୍ଗଲ। ଏହି ଜଙ୍ଗଲରୁ ଆମର ଘର ଚଳିବାପାଇଁ ଜାଳେଣିଠାରୁ ଆରମ୍ଭ କରି ବିଭିନ୍ନ ଜଙ୍ଗଲଜାତ ଫଳମୂଳ ସଂଗ୍ରହ କରିଥାଉ। ଜଙ୍ଗଲ ସୁରକ୍ଷା ପାଇଁ ମହିଳାମାନେ ପାଳିକରି ଜଗିବାକୁ ଯାଇଥାଉ। ଏଥିପାଇଁ ଆମକୁ କୌଣସି ସରକାରୀ ପ୍ରୋତ୍ସାହନ ମଧ୍ୟ ମିଳିନାହିଁ। ନିଜସ୍ୱ ଉଦ୍ୟମରେ ଏମିତି କାର୍ଯ୍ୟ କରିଆସୁଛୁ। ପ୍ରାୟ ୩୦ବର୍ଷଧରି ଆମେ ସ୍ଥାନୀୟ ଜଙ୍ଗଲକୁ ସୁରକ୍ଷା ଦେଇଆସୁଛୁ।' ଶଙ୍ଖଯୋଡ଼ିର ଟିକିନା ପ୍ରଧାନ କୁହନ୍ତି, 'ଗାଁରେ ପ୍ରଥମେ ଜଙ୍ଗଲ ସୁରକ୍ଷା ପାଇଁ ସଭା ହୋଇଥିଲା। ପ୍ରତ୍ୟେକ ଘରର ସଦସ୍ୟ ଯୋଗଦେଇଥିଲେ। କେବଳ ପୁରୁଷମାନେ କାହିଁକି ମହିଳାମାନେ ମଧ୍ୟ ଜଙ୍ଗଲ ସୁରକ୍ଷା ପାଇଁ ଅଣ୍ଟା ଭିଡ଼ିଥିଲୁ। ଆଉ ସେବେଠାରୁ ଗାଁର ମହିଳାମାନେ ଜଙ୍ଗଲ ସୁରକ୍ଷାରେ ସକାଳୁ ଅପରାହ୍ଣ ଯାଏ ପାଳିକରି ଜଙ୍ଗଲକୁ ଯାଇ ଗଛଲତା ଦେଖୁଛୁ। ଏଥିପାଇଁ ଆମ ଗ୍ରାମବାସୀଙ୍କ ସହଯୋଗ ରହିଛି। ଏବେ ଜଙ୍ଗଲ ସୁରକ୍ଷା ପାଇଁ ଅନେକ ସଚେତନ ହେଲେଣି।'





– ତଥ୍ୟ: ସୁକାନ୍ତ ଡାକୁଆ




# ହାଃ ହାଃ

## କିସ୍

ଗୋପାଳ ନିଜ ବସ୍‌ଙ୍କୁ ଏସ୍‌ଏମ୍‌ଏସ୍ କରି– ସାର୍, ମୋ ମୁଣ୍ଡ ପ୍ରବଳ ବିନ୍ଧୁଛି। ଆଜି ମୁଁ ଅଫିସ୍ ଯାଇପାରିବିନି।
ବସ୍– ମୋର ଯେତେବେଳେ ମୁଣ୍ଡ ବିନ୍ଧେ ମୁଁ ମୋ ସ୍ତ୍ରୀକୁ କିସ୍ କରେ। ଆଉ ମୁଣ୍ଡ ବିନ୍ଧା କୁଆଡେ ଉଭେଇ ଯାଏ। ତୁମେ ବି ସେମିତି କରୁନ।
କିଛି ସମୟ ପରେ ଗୋପାଳ ବସ୍‌ଙ୍କୁ ଏସ୍‌ଏମ୍‌ଏସ୍ କରି– ସାର୍, ମୁଁ ଅଫିସ୍‌କୁ ଆସୁଛି। ମୁଣ୍ଡ ବିନ୍ଧା ପୂରା ଭଲ ହେଇଗଲା। ସତରେ ଆପଣଙ୍କ ସ୍ତ୍ରୀଙ୍କ କିସ୍‌ରେ ଅଦ୍ଭୁତ ଜାଦୁ ଅଛି...।

## ରୋଜଗାର

ରାଜୁ ଝିଅର ବାପା ପାଖକୁ ଯାଇ– ମୁଁ ଆପଣଙ୍କ ଝିଅକୁ ବହୁତ ଭଲ ପାଉଛି। ତାକୁ ବାହା ହେବାକୁ ଚାହୁଁଛି।
ଝିଅର ବାପା– ତୁ ପୁଣି ମୋ ଝିଅକୁ ବାହା ହେବୁ। ଆରେ ତୋ ରୋଜଗାର ଯେତିକି ସେତିକିରେ ପରା ତୁ ମୋ ଝିଅକୁ ଟୟଲେଟ୍ ପେପର୍ ଯୋଗେଇ ପାରିବୁନି।
ରାଜୁ– ଇସ୍....। ଆପଣଙ୍କ ଝିଅ ଏଡେ ହଗୁରୀ। ଏତେ ଥର ଝାଡା ଯାଉଛି। ଥାଉ ବାବା ମୋର ତମ ଝିଅକୁ ବାହା ହେବାର ନାହିଁ।

## ପାଳି

ମୀନା ରୂପାକୁ– ଆଜି ମୁଁ ଆମ ପଡୋଶୀ ଆଣ୍ଟିଙ୍କୁ ପାନେ ଦେଇଛି।
ରୂପା–କଥାଟା କ'ଣ ମତେ ଭଲରେ କହିଲୁ।
ମୀନା– ସାଇପଡିଶାରେ ଯାହାର ବି ବାହାଘର ହୁଏ ସବୁବେଳେ ସେ ମୋ ଗାଲ ଚିପି କହନ୍ତି, 'ଏବେ ତୋ ପାଳି ଆସୁଛି।' ମତେ ଭାରି ରାଗଲାଗେ।
ରୂପା– ଓଃ, ତେବେ ତୁ ତାଙ୍କୁ ପାନେ କେମିତି ଚଖେଇଲୁ ?
ମୀନା– କାଲି ଆମ ସାହିର ଜଣେ ମହିଳାଙ୍କ ମୃତ୍ୟୁ ହୋଇଗଲା। ମୁଁ ଆଣ୍ଟିଙ୍କ ପାଖକୁ ଯାଇ ତାଙ୍କ ହାତକୁ ଧରି ଭାରି ମନ ଦୁଃଖରେ କହିଲି– 'ୟା ପରେ ବୋଧେ ଆପଣଙ୍କ ପାଳି ଆସିବ।'

ମଡେଲ ମିରର୍ ପାଇଁ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି–୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ ଫୋନ ନଂ: (୦୬୭୪) ୨୫୮୦୧୦୧

**ସୂଚନା:** ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

## ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା

# ତୀର୍ଥନ ଘାଟି


**ହୀମାଚଳ ପ୍ରଦେଶର କୁଲ୍ଲୁ ଜିଲା ଅନ୍ତର୍ଗତ ଏକ ସୌନ୍ଦର୍ଯ୍ୟପୂର୍ଣ୍ଣ ଘାଟି ଭାବେ ତୀର୍ଥନ ଘାଟି ବେଶ୍ ପରିଚିତ। ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ଏହି ସ୍ଥାନରେ ପର୍ଯ୍ୟଟକ ପାହାଡ, ଝରଣା, ନଦୀ, ହ୍ରଦ ଆଦି ଦେଖିବା ସହ ନିକଟରେ ଥିବା ବନ୍ୟପ୍ରାଣୀ ଅଭୟାରଣ୍ୟକୁ ଯାଇ ସେଠାରେ ଜାତିଜାତିକା ପଶୁପକ୍ଷୀ ଦେଖିବାର ମଜା ନେଇପାରିବେ...**


ତୀର୍ଥନ ଘାଟି ହେଉଛି ହୀମାଚଳ ପ୍ରଦେଶର କୁଲୁ ଜିଲା ଅନ୍ତର୍ଗତ ଏକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ। ପ୍ରକୃତପକ୍ଷେ ଏହା ଏକ ଘାଟି। ଏଠାରେ ପର୍ଯ୍ୟଟକ ବହୁ ଉଚ୍ଚ ଉଚ୍ଚ ପାହାଡ ଏବଂ ତତ୍‌ସଲଗ୍ନ ଲମ୍ବା ଲମ୍ବା ରାସ୍ତାଗୁଡ଼ିକର ଅପୂର୍ବ ସୌନ୍ଦର୍ଯ୍ୟକୁ ମନଭରି ଉପଭୋଗ କରିପାରିବେ। କେବଳ ସେତିକି ନୁହେଁ ପ୍ରକୃତିର ଅପୂର୍ବ ସୌନ୍ଦର୍ଯ୍ୟକୁ ଖୁବ୍ ନିକଟରୁ ଉପଭୋଗ କରିବାର ସୁଯୋଗ ବି ପର୍ଯ୍ୟଟକ ଏଠାରେ ପାଇପାରିବେ। ଖାସ୍ ସେଇଥିପାଇଁ ତ ବର୍ଷର ବିଭିନ୍ନ ସମୟରେ ଏଠାରେ ପର୍ଯ୍ୟଟକଙ୍କର ଗହଳି ପରିଲକ୍ଷିତ ହୁଏ।

### କ'ଣ ଦେଖିବେ

ପର୍ଯ୍ୟଟକ ଏଠାରେ ପାହାଡ, ଜଙ୍ଗଲ, ନଦୀ, ହ୍ରଦ ତଥା ପ୍ରକୃତିର ଅପୂର୍ବ ଶୋଭାକୁ ଉପଭୋଗ କରିବା ସହ ନିକଟରେ ଥିବା ବହୁ ମନଲୋଭା ପର୍ଯ୍ୟଟନସ୍ଥଳୀ ଗୁଡ଼ିକ ବୁଲି ଦେଖିବାର ସୁଯୋଗ ପାଇପାରିବେ। ଯେମିତିକି: ଗ୍ରେଟ୍ ହୀମାଳୟାନ୍ ନ୍ୟାସନାଲ୍ ପାର୍କ, ତୀର୍ଥନ ନଦୀ, ତୀର୍ଥନ ଉପତ୍ୟକା,ସେରୋଲସାର୍ ହ୍ରଦ, ବାସେଲିଓ ପାସ୍, ଛୋଇ ଜଳପ୍ରପାତ ଇତ୍ୟାଦି।

ଏସବୁ ବ୍ୟତିତ ତୀର୍ଥନ ଘାଟିରେ ବସବାସ କରୁଥିବା ସ୍ଥାନୀୟ ଲୋକଙ୍କ ଚାଲିଚଳନ, ରୀତିନୀତି, ପରମ୍ପରା, ସେମାନଙ୍କ କୌଳିକ ବୃତ୍ତି, ଖାଦ୍ୟପେୟ ଏପରିକି ସେମାନଙ୍କ ଗ୍ରାମ୍ୟ ପରିବେଶ ସମ୍ପର୍କରେ ବହୁ ଗୁରୁତ୍ୱପୂର୍ଣ୍ଣ କଥା ଏଠାରୁ ଜାଣିହୁଏ। ସ୍ଥାନୀୟ ଲୋକେ ଖୁବ୍ ସ୍ନେହୀ ହୋଇଥାନ୍ତି। ଅତିଥିଙ୍କୁ ସ୍ୱାଗତ କରିବା ସେମାନଙ୍କୁ ବହୁତ ଭଲ ଲାଗେ।







### ଟ୍ରେକିଂର ମଜା ନିଆରା

ଯେହେତୁ ଏଠାରେ ନଦୀ, ହ୍ରଦ, ପାହାଡ ଆଦି ଦେଖିବାକୁ ମିଳେ, ତେଣୁ ଏଠାକୁ ବୁଲି ଆସୁଥିବା ପର୍ଯ୍ୟଟକ ଏଠାରେ ଟ୍ରେକିଂ କରି ଆଖପାଖର ସୌନ୍ଦର୍ଯ୍ୟକୁ ମନଭରି ଉପଭୋଗ କରିବାକୁ ବେଶି ପସନ୍ଦ କରିଥାନ୍ତି। କହିବାକୁ ଗଲେ ଟ୍ରେକିଂ ପ୍ରିୟ ପର୍ଯ୍ୟଟକଙ୍କ ପାଇଁ ଏହା ଏକ ମନୋରମ ପର୍ଯ୍ୟଟନସ୍ଥଳୀ।

### କ'ଣ କିଣିବେ

ସ୍ଥାନୀୟ ହସ୍ତଶିଳ୍ପ ତଥା ଉଲ୍ ବୁଣା ସାମଗ୍ରୀ ଏଠାରେ ବେଶ୍ ସୁଲଭ ମୂଲ୍ୟରେ ମିଳିଥାଏ। ତା'ଛଡ଼ା ଏଠାକାର ଲୋକେ ଆପ୍ରିକଟ୍ ଜାମ୍, ଆପ୍ରିକଟ୍ ତେଲ ବି ଭଲ ତିଆରି କରିଥାନ୍ତି। ପର୍ଯ୍ୟଟକ ଚାହିଁଲେ ଏଠାରୁ ଭଲ ଦାମ୍‌ରେ ଭଲ କ୍ୱାଲିଟିର ଜାମ୍ ଓ ତେଲ ମଧ୍ୟ କିଣି ଆଣିପାରିବେ। କେବଳ ସେତିକି ନୁହେଁ, ଏଠାରେ ବିଭିନ୍ନ ପ୍ରକାରର ଫଳ ଚାଷ ବି କରାଯାଇଥାଏ।

### କ'ଣ ଖାଇବେ

ଏଠାରେ ପର୍ଯ୍ୟଟକଙ୍କୁ ସବୁ ପ୍ରକାରର ଖାଦ୍ୟ ପରୋଷା ଯିବାର ସୁବିଧା ରହିଛି। କିନ୍ତୁ ସ୍ଥାନୀୟ ହୀମାଚଳି ବ୍ୟଞ୍ଜନ ଖାଇବା ପର୍ଯ୍ୟଟକଙ୍କୁ ନିଆରା ଆନନ୍ଦ ପ୍ରଦାନ କରିଥାଏ।

### ପର୍ଯ୍ୟଟକଙ୍କ ପାଇଁ ସୁବିଧା

ପର୍ଯ୍ୟଟକଙ୍କ ରହିବା, ଖାଇବା ଓ ବୁଲାବୁଲି କରିବା ପାଇଁ ସମସ୍ତ ପ୍ରକାରର ସୁବିଧା ଏଠାରେ ଉପଲବ୍ଧ। ରହିବା ପାଇଁ ସୁଲଭ ମୂଲ୍ୟରେ କଟେଜ୍, ବୁଲିବା ପାଇଁ ଟୁରିଷ୍ଟ ଗାଇଡ୍ ଏବଂ ଖାଇବା ପାଇଁ ଛୋଟ ଛୋଟ ରେଷ୍ଟୁରାଣ୍ଟ ଆଦିର ଭଲ ବ୍ୟବସ୍ଥା ଏଠାରେ ରହିଛି। ସବୁଠୁ ମଜା କଥା ହେଉଛି, ପର୍ଯ୍ୟଟକଙ୍କୁ ଘରୋଇ ସୁବିଧା ଯୋଗାଇ ଦେବା ପାଇଁ ସ୍ଥାନୀୟ ଲୋକେ ସବୁବେଳେ ଆଗଭର ହୋଇ ରହିଥାନ୍ତି।

### କେବେ ଓ କେମିତି ଯିବେ

ବର୍ଷର ସବୁ ସମୟରେ ଏଠାକୁ ବୁଲିଯିବାର ସୁବିଧା ଥିଲେ ହେଁ ; ମାର୍ଚ୍ଚରୁ ଜୁନ୍ ଭିତରେ ଏଠାକୁ ଯିବା ସବୁଠୁ ଭଲ ସମୟ ହୋଇଥାଏ। କାରଣ ଏହି ସମୟରେ ଏଠାକାର ପାଣିପାଗ ବୁଲାବୁଲି କରିବାକୁ ଅନୁକୂଳ ଥାଏ। ଅନ୍ୟପକ୍ଷେ ଏଠାକୁ ଯିବା ପାଇଁ ସଡ଼କପଥ,ରେଳପଥ ଓ ଆକଶପଥର ଭଲ ବ୍ୟବସ୍ଥା ରହିଛି। ପର୍ଯ୍ୟଟକଙ୍କୁ ଯେଉଁଥିରେ ସୁବିଧା ସେଥିରେ ଆସି ଆରାମରେ ଏଠାରେ ପହଁଞ୍ଚି ପ୍ରକୃତିର ଅପୂର୍ବ ସୌନ୍ଦର୍ଯ୍ୟକୁ ନିକଟରୁ ଦେଖିବାର ସୁଯୋଗ ପାଇପାରିବେ।







# ସିଂହକୁ କାହିଁକି କୁହାଯାଏ ଜଙ୍ଗଲର ରାଜା



**ଜଙ୍ଗଲ ରାଜା ସିଂହ। ଏକଥା ସମସ୍ତେ ଜାଣନ୍ତି। ହେଲେ କେବେ ଭାବିଛନ୍ତି କି ଜଙ୍ଗଲରେ ତ ବାଘ, ହାତୀ, ଭାଲୁ ଆହୁରି ଅନେକ ପ୍ରାଣୀ ଅଛନ୍ତି। ହେଲେ ସିଂହକୁ ହିଁ କାହିଁକି ଜଙ୍ଗଲର ରାଜା କୁହାଯାଏ ? ଜାଣନ୍ତୁ ସେ ସମ୍ପର୍କରେ...**

ଜଙ୍ଗଲରେ ଥିବା ବିଭିନ୍ନ ପ୍ରାଣୀ ଭିତରେ ହାତୀ ସବୁଠାରୁ ବିଶାଳକାୟ, ଜିରାଫ ସବୁଠାରୁ ଉଚ୍ଚା, ବିଲୁଆ ସବୁଠାରୁ ଚତୁର, ବାଘ ଶକ୍ତିଶାଳୀ ଓ ଚିତା ସବୁଠାରୁ ଦ୍ରୁତଗାମୀ ପ୍ରାଣୀଭାବେ ପରିଚିତ। ହେଲେ ଏହିସବୁ ପ୍ରାଣୀଙ୍କ ଭିତରୁ କେହି ରାଜା ନ ହୋଇ ସିଂହକୁ କାହିଁକି ରାଜା ଭାବେ ବିବେଚନା କରାଯାଏ ? ସେପୁଣି ଏବେ ନୁହେଁ କାହିଁ କେଉଁ ଆଦି କାଳରୁ ସିଂହକୁ ରାଜାଭାବେ ଗଣନା କରାଯାଉଛି। ହେଲେ ରୋଚକ କଥା ଯେ, ସିଂହଙ୍କ ସଂଖ୍ୟା କିନ୍ତୁ ଜଙ୍ଗଲରେ ଖୁବ୍ କମ୍ ଥାଏ। ସିଂହମାନେ ଖୁବ୍ ଶକ୍ତିଶାଳୀ, ସାହସୀ ଓ ଆକ୍ରମଣାତ୍ମକ। ଭୂମିରେ ସବୁଠାରୁ ଦ୍ରୁତଗାମୀ ଶିକାରୀ ହେଉଛି ସିଂହ। ଜଙ୍ଗଲରେ ସେ ବିନ୍ଦାସ ବିଚରଣ କରେ। ତାକୁ କୌଣସି ପ୍ରାଣୀ ଆକ୍ରମଣ କରିବା ଦୂର କଥା ଚ୍ୟାଲେଞ୍ଜ ଦେବାକୁ ବି ସାହସ କରନ୍ତି ନାହିଁ। ତା'ର ଚାଲି, ଠାଣି ପୁରା ରାଜାଙ୍କ ଭଳି। ଆତ୍ମବିଶ୍ୱାସ ଭରି ରହିଥାଏ ସିଂହ ଭିତରେ। ଏମାନେ ସାଧାରଣତଃ ଖୋଲା ଘାସ ପଡ଼ିଆ କିମ୍ବା ବୁଦା ଥିବା ସ୍ଥାନରେ ରୁହନ୍ତି।



ଅନ୍ୟ କୌଣସି ପ୍ରାଣୀ ଆକ୍ରମଣ କରିବାର ଡର କି ଭୟ ନ ଥାଏ। ତା'ଛଡ଼ା ସିଂହର ଚେହେରା ବେଶ୍ ଦମ୍‌ଦାର ଓ ତା'ର ଲମ୍ବା ଲମ୍ବା କେଶ ତାକୁ ସ୍ୱତନ୍ତ୍ର କରାଏ। ସିଂହର ଚରିତ୍ର ଖୁବ୍ ଡୋମିନେଟିଂ ହୋଇଥାଏ। ନିଜ ପରିବାରରେ ସିଂହ ମୁରବୀ। ପ୍ରାୟତଃ ସିଂହୀ ଶିକାର କରି ଆଣିଥାଏ। ହେଲେ ସିଂହୀ ପ୍ରଥମେ ଖାଇ ନ ଥାଏ। ସିଂହ ପ୍ରଥମେ ଖାଏ। ଏହାପରେ ଯାଇ ସିଂହୀ ଓ ପିଲାମାନେ ଖାଆନ୍ତି। ସିଂହର ଜୀବନ ଏତେ ରାଜକୀୟ ଯେ, ଦିନକୁ ପ୍ରାୟ ୧୬-୨୦ ଘଣ୍ଟା ପର୍ଯ୍ୟନ୍ତ ଶୋଇଥାଏ। ସିଂହ ହିଁ ଏମିତି ଏକ ପ୍ରାଣୀ ଯେ କି କାହାକୁ ଡ଼ରି ନ ଥାଏ। ଏହାବାଦ୍ ସିଂହର ଗର୍ଜନ ବହୁତ ଦମ୍‌ଦାର୍। ତାହା ପ୍ରାୟ ୮ କି.ମି. ଦୂର ପର୍ଯ୍ୟନ୍ତ ଶୁଭିଥାଏ। ଆଉ ସେହି ଗର୍ଜନ ଶୁଣିଲେ ଯେ କେହି ଭୟରେ ଥରିଯାଆନ୍ତି। ବାଘର ଗର୍ଜନ କିନ୍ତୁ ଏଭଳି ହୋଇ ନ ଥାଏ। ବାଘ ଘଣ୍ଟା ପ୍ରତି ୫୬-୬୪ କି.ମି. ବେଗରେ ଦୌଡ଼ିଥାଏ। ଆଉ ସିଂହ ଘଣ୍ଟା ପ୍ରତି ୮୦ କି.ମି. ବେଗରେ ଦୌଡି ଥାଏ। ସିଂହ ଯେଉଁ ଅଞ୍ଚଳରେ ରହେ ତା'ର ରକ୍ଷା କରେ। ନିଜ ଗ୍ରୁପ୍‌ର ବି ରକ୍ଷା କରେ। ଏହିସବୁ କାରଣରୁ ବୋଧେ ସିଂହକୁ ରାଜାଭାବେ ଗଣନା କରାଯାଏ।

# ସାଇକେଲ ସଂଗ୍ରହାଳୟ

ଗୟାର ନିବାସୀ ରାଜେନ୍ଦ୍ର ରବି ଗଢ଼ିଛନ୍ତି ଏକ ନିଆରା ସାଇକେଲ ସଂଗ୍ରହାଳୟ। ଯାହାକି ସାଇକେଲ ପ୍ରେମୀଙ୍କ ପାଇଁ ସ୍ୱର୍ଗ। କାରଣ ଏଠି ସେମାନେ ଦେଖିପାରିବେ ନାନା ପ୍ରକାରର ସାଇକେଲ। ଜାଣିପାରିବେ ସାଇକେଲର ଇତିହାସ। ଗୟାଠାରୁ ୧୮ କି.ମି. ଦୂର ଶେଖୱାରା ଗାଁରେ ଅଛି ଏହି ମ୍ୟୁଜିୟମ୍। ଏଠାରେ ରେଞ୍ଜ ଗିୟର ଥିବା ରେସିଂ ସାଇକେଲ, ଟ୍ୟାଣ୍ଡେମ୍, ବିଚ୍ ସାଇକେଲ ସହ ପିଲାଙ୍କର ବିଭିନ୍ନ ପ୍ରକାରର ସାଇକେଲ ଅଛି। ଏହାବାଦ ୧୮୫୦ ମସିହାରୁ ଆରମ୍ଭ କରି ୨୦୦୦ ମସିହା ପର୍ଯ୍ୟନ୍ତର ଭିଣ୍ଟେଜ୍ ସାଇକେଲର ୫୦୦ରୁ ଊର୍ଦ୍ଧ୍ୱ ସାଇକେଲ ଡାଇକାଷ୍ଟ ମଡେଲ ଓ ତା'ର ଫଟୋର ବି ଅଛି। ଖାସ୍‌କରି ନେଦରଲାଣ୍ଡ, ଫିନ୍‌ଲାଣ୍ଡ, ବେଲଜିୟମ୍, ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା, ଅଷ୍ଟ୍ରେଲିଆ, ଫ୍ରାନ୍ସ, ଜାପାନର ସାଇକେଲର ଡାଇକାଷ୍ଟ ମଡେଲ ଏହି ସଂଗ୍ରହାଳୟକୁ ସ୍ୱତନ୍ତ୍ର କରାଏ। ରାଜେନ୍ଦ୍ର ରବିଙ୍କର ସାଇକେଲ ସଉକ ବହୁତ ପୁରୁଣା। ସେ ସାଇକେଲ ଓ ସାଇକେଲିଂ ଉପରେ ଅନେକ ଗବେଷଣା କରିଛନ୍ତି। ବିଭିନ୍ନ ଦେଶକୁ ଯାଇ ସାଇକେଲ ଓ ସାଇକେଲିଂ ଉପରେ ନିଜର ବିଚାର ବ୍ୟକ୍ତ ବି କରନ୍ତି। ୧୯୯୦ ମସିହାରୁ ସେ ଗବେଷଣା କରିବା ସହ ସାଇକେଲର ବିଭିନ୍ନ ମଡେଲ ସଂଗ୍ରହ କରୁଛନ୍ତି। ସେ ବିଭିନ୍ନ ଦେଶରୁ ସାଇକେଲ ସହ ଜଡ଼ିତ ସାମଗ୍ରୀ ସଂଗ୍ରହ କରିଛନ୍ତି। ସାଇକେଲର ଇତିହାସ ସହ ବିଭିନ୍ନ ମଡେଲ, ତା'ସହ ଜଡ଼ିତ ବିଭିନ୍ନ ଚଳଚ୍ଚିତ୍ର ଓ ହଜାର ହଜାର ପୁସ୍ତକ ଏହି ସଂଗ୍ରହାଳୟରେ ରଖିଛନ୍ତି।





## କଥା ଚାଟ୍

ଶ୍ରୀମାନ୍ ସର୍ବଗିଳା

# ରିଲ୍ ନା ରିଅଲ ?

**ଛ**ଅ କି ସାତ ମାସ ତଳେ ଜଣେ ସୁନ୍ଦରୀ ତରୁଣୀ ପୁରୀ ଶିରୀକ୍ଷେତର ଜଗା ପାଖକୁ ଆସି ମନ୍ଦିର ବାହାରେ ବିଭିନ୍ନ 'ଭକ୍ତି-ଭଙ୍ଗିମା ପୋଜ୍'ରେ ଯେଉଁଭଳି ଜୁହାର ହେଉଥିବାର ଫଟୋ ଓ ଭିଡିଓ ଦେଖିଲି, ମୋ ଭୁଲ୍ ଧାରଣା ଜାଣ ବାରଣା ବଦଳିଗଲା । ପର କଥା ଶୁଣି ମୋର ଧାରଣା ଥିଲା, ଏଇ ଆଧୁନିକା ସୁନ୍ଦରୀମାନେ ଦିଅଁ ଦେବତାଙ୍କୁ ବିଶ୍ୱାସ କରନ୍ତି ନାହିଁ କି ଭକତିରେ ବୁଡ଼ନ୍ତି ନାହିଁ ! କିନ୍ତୁ ଏ ତ ପୁରା ଓଲଟା । ଯାହା ହେଉ ଝିଅଟିର ଭକ୍ତି ଅଛି । କେଡ଼େ ସୁନ୍ଦର ରିଲ୍ ବନଉଛି । ହେଲେ ଅଳପ ଦିନରେ ସେ ଝିଅ ମହାକାଳ ଫଳ ବୋଲି ଜଗତେ ଜାଣିଲେ ! ଘରେ କହୁଥିଲା ଦିଲ୍ଲୀ ଯାଉଛି, କିନ୍ତୁ ସେ ଯାଇ ପାପିସ୍ତାନର ଆତଙ୍କୀ ଦିଲ୍‌ରେ ପଶିଯାଇଛି । ଆଜିକାଲି ରିଲ୍ କରି ଲାଇକ୍, ସେୟାର୍ କେମିତି ଅଧିକ ହେବ, ସେହି ନିଶାରେ ଯେତେ ବିପଦ ପଥକୁ ଆପଣେଇ ଦୁଃସାହସ ଦେଖାଉଛନ୍ତି, ଯଦି ସେତିକି ସୀମାନ୍ତରେ ଦେଖାନ୍ତେ, ତେବେ ଦେଶବାସୀ ତାଙ୍କୁ ସଲାମ କରନ୍ତେ । ଉପରୋକ୍ତ ସୁନ୍ଦରୀ ତରୁଣୀଙ୍କ ଷ୍ଟୋରି ହେଲା, ଆମ ଦେଶରେ ଜନମି, ଖାଇପିଇ, ପଢ଼ି ବଢ଼ି ନା ନିଜ ପରିବାରର ନା ଦେଶର ହେଲେ । ବରଂ ଦେଶଦ୍ରୋହୀ ବୋଲି ଲୋକେ କୁହା କୁହି ହେଲେଣି । ହେଲେ ଏଇଟି ବି ଦୁଇ ବିରଙ୍ଗନାଙ୍କ ଦେଶଭକ୍ତିର କଥା ବି ସମସ୍ତଙ୍କ ମୁହଁରେ । ସମସ୍ତେ ଆଉ କ'ଣ ସମାନ ହେବେ । ଆଉ ବାକି ରହିଲା ଆମମାନଙ୍କ କଥା । ଆମେ ଏଇ ଶସ୍ତା ଲୋକପ୍ରିୟତା ଅର୍ଜନ କରୁଥିବା ସୁନ୍ଦରୀମାନଙ୍କ ରିଲ୍ ଦେଖି ଗଦା ଗଦା ଲାଇକ୍, କମେଣ୍ଟ ପ୍ରଶଂସା ଅଜାଡ଼ି ଦେଇ ତାଙ୍କୁ ଉତ୍ସାହିତ କରି ତାଙ୍କ ମୁହଁ ବଢ଼ାଉ, କେଉଁ ବାହାଦୁରିରେ ? ଏଭଳି ଝିଅମାନେ ନିଜ କାମନା ଚରିତାର୍ଥ କରିବାକୁ ଦେଶର ସୁରକ୍ଷାକୁ ବି ବିପଦ ମୁହଁକୁ ଠେଲି ଦେଉଛନ୍ତି । ଏମାନେ ଶିକ୍ଷିତା ସୁନ୍ଦରୀ ବୋଲି କ'ଣ କମ୍ ଗର୍ବ କି ! ଯେଉଁମାନେ ନିଜ ଜନ୍ମଦାତା ମାତାପିତାଙ୍କ ଦୁଃଖ ବୁଝନ୍ତି ନାହିଁ, ସେମାନେ ଜନ୍ମଭୂମିର ଦୁଃଖ କ'ଣ ବା ବୁଝିବେ ? ବାହାର ଦେଶରେ ଯେତିକି ଆତଙ୍କବାଦୀ ନ ଥିବେ ଆମ ଦେଶରେ ତା'ଠାରୁ କାହିଁ କେତେ ଅଧିକ ଦେଶଦ୍ରୋହୀ ଭରି ରହିଛନ୍ତି । ଦେହ ବାହାରେ ରୋଗ ସିନା ଦେଖାଗଲେ ତା'ର ଅପରେଶନ କି ଚିକିତ୍ସା ସହଜ, ମାତ୍ର ଦେହ ଭିତରେ ଛପି ରହିଥିବା ରୋଗ ଚିହ୍ନି ତା'ର ଉପଚାର କରିବା କ'ଣ ସେତେ ସହଜ ? ଆତଙ୍କବାଦୀମାନଙ୍କଠାରୁ ବି ଏହି ଦେଶଦ୍ରୋହୀ କେଡ଼େ ଭୟଙ୍କର ବିଚାର କରନ୍ତୁ । ଏମାନେ ଅସଲ ଶତ୍ରୁ ଭାବକୁ ଅନ୍ତର ଭିତରେ ଲୁଚେଇ ଏମିତି ମିତ୍ରପଣରେ ମିଠାକଥା କହି ମନ ମୋହି ଥାଆନ୍ତି ଯେ ତାଙ୍କୁ ଚିହ୍ନିବା ଏତେ ସହଜ ନୁହେଁ । ତଥାପି ଅସମ୍ଭବ ବି ନୁହେଁ । ଏମିତି ଦେଶଦ୍ରୋହୀ ଅଛନ୍ତି ଯେଉଁମାନେ ଦେଶର ହିତ କଥା କହୁଛନ୍ତି ବୋଲି ଆମର ଧାରଣା ଜନମେଇ ଅସଲରେ ଜୀବନ ନେବାର ଯୋଜନା କରିଚାଲିଛନ୍ତି । ଅନେକ ଦିନ ହୋଇଗଲାଣି ଦେଶୀ ଓ ଆମଦାନୀ ବିଦେଶୀ ଅନେକ ଗଦ୍ଦାର ଆମ ଦେଶରେ ଭରିଗଲେଣି । ଆମରି ଖାଇ ଆମ ଦେଶରେ ରହି ଆମକୁ ଆହ୍ୱାନ ଦେଲେଣି । ଛୋଟ ଚାରା ଥିଲାବେଳେ, ତାହା ବିଷ କି ଅମୃତର ଫଳଦିଆ ଗଛ ହେବ ଜଣାପଡ଼େନି । ମାତ୍ର ଗଛ ବଡ଼ ହୋଇଗଲାପରେ ଆଖିକି ଦେଖାଗଲେ ବି ଉପାଡ଼ିବା କି ସହଜ ହୁଏ ? ଆଜିକାଲି ଅନେକ ଫିଲ୍ମର ହୀରୋମାନେ ଦେଶଦ୍ରୋହୀ । ଅନେକ ଦଳୀୟ ନେତା ଦେଶଦ୍ରୋହୀ । ଅନେକ ଶିକ୍ଷିତା ଶିକ୍ଷିତ ଛାତ୍ରୀଛାତ୍ର ଦେଶଦ୍ରୋହୀ, ଅନେକ ଫେରିବାଲା ବେପାରୀ ଦେଶଦ୍ରୋହୀ, ଭିକାରୀ ବେଶରେ ଦେଶଦ୍ରୋହୀ ତ କେତେ ବିଶ୍ୱ ବିଦ୍ୟାଳୟର ଶିକ୍ଷକ ବେଶରେ ଦେଶଦ୍ରୋହୀ, ଅନେକ ଚିକିତ୍ସକ, ଅନେକ ଦେଶ ରକ୍ଷକ ମଧ୍ୟ ଦେଶଦ୍ରୋହୀ...! କମ୍ବଳ ଗୋଟାକଯାକ ବାଳ, କେତେ ବାଛିବ ବାଛ ! କାମିନୀ କାଞ୍ଚନ ମୋହରେ ମୋହିତ ହୋଇ, ଅସଂଖ୍ୟ





ଲୋକ ହେଉଛନ୍ତି ଦେଶଦ୍ରୋହୀ । ଆମ ପଡ଼ୋଶୀ ଭାବରେ ଘର ଭଡ଼ାରେ ରହୁଥିବା ମିଠାକଥା କହୁଥିବା ଲୋକ, ତ୍ରିରଙ୍ଗା ପତାକା ହାତରେ ଧରି ଆମ ସାଥିରେ ଭାରତମାତା କୀ ଜୟ ନାରା ଦେଉଥିବା ଜନ, ଆମ ଝିଅ ଭଉଣୀଙ୍କୁ ଫସେଇ ଭଲପାଇ ବାହାହେବାକୁ ପ୍ରତିଶ୍ରୁତି ଦେଉଥିବା ଯୁବକ, ଆମକୁ ପ୍ରଚୁର ଲାଭ ଦେବାକୁ ପ୍ରଲୋଭନ ଦେଖେଇ ଆମ ସହ ବେପାର କରିବାକୁ ଭାବ ଜମେଇଥିବା ବେପାରୀ ଯେ... ଦେଶଦ୍ରୋହୀ ନୁହନ୍ତି, କୋଉ ଗ୍ୟାରେଣ୍ଟି ଅଛି ? କେତେବେଳେ ସେମାନେ ଆମକୁ ଫସେଇ ଫାଶୀଖୁଣ୍ଟରେ ଝୁଲେଇ, ଆପେ ଖସି ପଳେଇଥିବେ, ସେ କଥା ଆମେ କେବେ ବି ସପନରେ ଭାବି ନ ଥିବା । ଏଇ ଦେଶଦ୍ରୋହୀଙ୍କ ଫାଶରେ ଫସିବା ଭାରି ସହଜ ଯେହେତୁ ଏମାନେ ନିଶାରେ ଆମକୁ ପକେଇ ଦେଇଥାନ୍ତି । ଯୁଗେ ଯୁଗେ ଦେଶଦ୍ରୋହୀଙ୍କ ପାଇଁ ରାଷ୍ଟ୍ର ବା ଦେଶ ପରାଧୀନ ହୋଇଛି । ନାରୀଙ୍କୁ ଅସ୍ତ୍ରକରି ଗୋପନୀୟ ତଥ୍ୟ ହସ୍ତଗତ କରି ଶତ୍ରୁ ବଡ଼ ବଡ଼ ଯୋଦ୍ଧାଙ୍କୁ ପରାଜୟ କରାଇଛନ୍ତି । ଦେଶଦ୍ରୋହୀ ଗୋପନ ତଥ୍ୟ ଦେଇ ଯେଉଁ ସ୍ୱାର୍ଥ ହାସଲ କରିବାକୁ ଯାଉଥିଲେ, ସେଇଥିରେ ପଡ଼ି ନିଜ ଜୀବନ ବି ଦେଇଛନ୍ତି । ତଥାପି ଆମର ଶିକ୍ଷା ହେଲାନାହିଁ ।

ଆଉ ଏବେ ତ ଅନେକ ଯୁବଗୋଷ୍ଠୀ ସେଲ୍ଫି, ଭିଡିଓ ରିଲ୍ ମାୟାରେ ବାୟାହୋଇ ଆମ ଦେଶର ବିଭିନ୍ନ ସ୍ଥାନରେ ମୋବାଇଲରେ ଶୁଟିଂ କରି ଯେତେ ଯେତେ ୟୁଟ୍ୟୁବ୍, ଇନ୍‌ଷ୍ଟା ଭଳି ଅନ୍ୟାନ୍ୟ ସୋସିଆଲ ମିଡିଆରେ ଛାଡୁଛନ୍ତି, ସେତେ ସେତେ ଦେଶ ପ୍ରତି ବିପଦ ମାଡ଼ି ଆସୁଛି । ଯେଉଁ ତରୁଣୀ ଧରାପଡ଼ିଛି, ସେ ବି ଦିନେ ପହଲଗାମ୍‌ର ଭିଡିଓ କରି ଛାଡ଼ିଥିଲେ । ତେବେ କଥା ରହିଲା, ସେ ବି ପୁରୀ, ଚିଲିକା, କୋଣାର୍କ ବୁଲି ଭକ୍ତିରେ ପ୍ରଣାମ କରି ଜଗନ୍ନାଥଙ୍କୁ ନିଜ ଦୁଃଖ କଥା କି ଦେଶ ମଙ୍ଗଳ କଥା କହୁଥିଲେ, ନା ଆତଙ୍କବାଦୀଙ୍କୁ ଠିକଣା ଭିଡିଓ କରି ଆକ୍ରମଣ କରିବାକୁ ଜଣାଉଥିଲା, ତାଙ୍କ ଯୋଜନା କଥା କିଏ କହିବ ? ହେ ଆଧୁନିକ ମାୟାରେ ବାୟା ହୋଇଥିବା ଦେଶୀୟ ଯୁବକ-ଯୁବତୀ, ସୁନ୍ଦର-ସୁନ୍ଦରୀଗଣ ! ତୁମ ଶିକ୍ଷାରେ କେତେ ଓଜନ, -ତାହା କ'ଣ ଏଇ ରିଲ୍ ହିରୋ ନା ରିଅଲ ହିରୋ ହିରୋଇନ୍ ହେବାରେ ଅଛି,ଟିକେ ବିଚାରକରି ଦେଖି ଯାହା କରନ୍ତୁ । ଅସଲ ହିରୋ ସୀମାନ୍ତର ସୈନିକ ନା ରିଲ୍‌ରେ ମୁହଁ ନେଫେଡ଼େଇ, ଗୋଡ଼ ହାତ ଛାଟି ଡିଆଁ ମାରିବା.. ଆପଣଙ୍କ ଉଚ୍ଚ ବିଚାର କ'ଣ କହୁଛି ? ଦେଶ ରହିଲେ ସିନା ଆମ ନାଚ କିଏ ଦେଖିବ । ଦେଶ ଧ୍ୱଂସ ହେଲେ.. ତୁମେ କାହାକୁ ଦେଖେଇବ ?

ଯେଉଁ ତରୁଣୀ ଅପହଞ୍ଚ ଇଲାକାରେ ପହଞ୍ଚି ପଡ଼ୋଶୀ ଦେଶର ଉଚ୍ଚ ଅଧିକାରୀଙ୍କ ସହ ଫଟ ଉଠେଇ ବିଭିନ୍ନ ସ୍ଥାନ ବୁଲି ଆମ ଦେଶର ନିନ୍ଦା,ପଡ଼ୋଶୀ ଦେଶ ପାପିସ୍ତାନର ମହିମା ଗାନ କରୁଥିବାର ଦେଖି ଆମ ପିଲାଏ ବାଃ ବାଃ କରି ଲାଇକ୍ କରୁଥିଲେ, ନିଜେ ସେମିତି ହେବାର ସପନ ଦେଖୁଥିଲେ, ଏବେ ସେ ଦେଶଦ୍ରୋହୀ ବୋଲି ଜେଲ ଭିତରେ ଜେରା ହେବାର ଦେଖି, କି ତା' ବାପା-ମା'ଙ୍କ ଅବସ୍ଥା ଦେଖି, ମୁହଁକୁ ହେଙ୍ଗୁ ଶୁଙ୍ଘିଲା ଭଳିଆ କରି ତାଙ୍କୁ ଗାଳିକରିବା କ'ଣ ଠିକ୍ ? ଆହା ବିଚରା ଦେଶରେ ବୁଲିବା ଶକତି ନ ଥାଇ ବି ବିଦେଶୀ ଭକତି କଉଠି ଯାଇ ନ ପହଞ୍ଚିଲାଟି ! କେତେ କାହା ମନକୁ କେତେ ରଙ୍ଗେଇ ନ ଥିବ ବିଚାରୀ ! ଗତକାଲିର ସାଉଁଟି ଥିବା ପ୍ରଶଂସା ନା ଆଜି ଦେଶବ୍ୟାପୀ ନିନ୍ଦା ଭିତରୁ, ଅବା ରିଲ୍‌ରେ ନା ରିଅଲ ହିରୋ/ହିରୋଇନ୍.. କେଉଁଟି ବେଶି ପସନ୍ଦ.. ଟିକେ ଭାବିଚିନ୍ତି କହିବାକୁ ଅନୁରୋଧ ରହିଲା । ସେଇ ୟୁଟ୍ୟୁବରଙ୍କର ଭ୍ୟୁଜ୍ କେମିତି ୟୁ ଟର୍ନ ମାରି ଫଂକ୍ଚର ହେଉଛି, ତାହା ଦେଖିବାକୁ ବାକି ରହିଲା ।

*- ମଙ୍ଗରାଜପୁର, ପୁରୀ, ମୋ: ୭୦୦୮୧୮୮୪୭*

## ପୁସ୍ତକ ସମୀକ୍ଷା

### ମୋକ୍ଷବାର୍ତ୍ତିକା ମୋହମୁଦ୍‌ଗର

**ଭୀମସେନ ସାହୁ, ପ୍ରକାଶକ - ନିଉ ପୋଲଷ୍ଟାର ରାଜାବଗିଚା, କଟକ-୯, ମୂଲ୍ୟ-୮୦ଟଙ୍କା**


**ପୁ**ସ୍ତକଟିରେ ଷଡତ୍ରିଂଶ ପଟଳ ରହିଛି । ଆଦିଶଙ୍କରାଚାର୍ଯ୍ୟଙ୍କ ବିରଚିତ 'ଭଜ ଗୋବିନ୍ଦମ୍'ସନ୍ନିହିତ ସ୍ତୋତ୍ରସମୂହ ମୋହମୁଦ୍‌ଗର ନାଗରେ ପ୍ରସିଦ୍ଧ । ସ୍ତୋତ୍ରଗୁଡିକ ପଠନ, ପାଠନ, ଭଜନ, ମନନ ସର୍ବୋପରି ଏହାର ଉଚ୍ଚାରଣ ଏବଂ ଆଚରଣ ଜୀବର ସାଂସାରିକ ମୋହ, ସାମାଜିକ ମାୟାବନ୍ଧନ, କାମନା ବାସନା ପ୍ରତି ଅନୁରାଗ ନାଶ କରିଥାଏ । ବ୍ୟକ୍ତି ନିରାସକ୍ତ, ଶାନ୍ତ, ସଂଯତ ଓ ଶୃଙ୍ଖଳିତ ହେବା ପାଇଁ ପ୍ରଣୋଦିତ ହୋଇଥାଏ । ଭଗବତ୍ ଆଶ୍ରିତ ହୋଇ ଆତ୍ମାର ବିକାଶ ସାଧନ କରିପାରିଥାଏ । ଜୀବର ମୋହମାୟା ବିନାଶ କରିପାରୁଥିବାରୁ ଏହି ସ୍ତୋତ୍ରସମୂହକୁ ମୋହମୁଦ୍‌ଗର ନାମରେ ନାମିତ କରାଯାଇଛି । ଯାହା ଅନ୍ୟାନ୍ୟ ଶାସ୍ତ୍ରପୁରାଣର ପଥ ପ୍ରଦର୍ଶକ ହୋଇଛି । ଏପରିକି ବେଦାନ୍ତରେ ଦର୍ଶନଶ୍ରେଷ୍ଠ ଭାବେ ଗ୍ରହଣ କରାଯାଇଛି । ପୁସ୍ତକରେ ଯେଉଁସବୁ ସ୍ତୋତ୍ରଗୁଡ଼ିକ ବିଷୟରେ ଆଲୋଚନା କରାଯାଇଛି ତାହା ଅତ୍ୟନ୍ତ ଉଚ୍ଚକୋଟିର ।




### ଡକ୍ଟର ଶୁଭେନ୍ଦ୍ରମୋହନ: ସୃଷ୍ଟି ଓ ଦୃଷ୍ଟି

**ଡକ୍ଟର ସ୍ନିଗ୍ଧା ସ୍ୱାଇଁ, ପ୍ରକାଶକ-କୋଣାର୍କ ପବ୍ଲିଶର୍ସ ତୁଳସୀପୁର, କଟକ-୮, ମୂଲ୍ୟ- ୫୦୦ଟଙ୍କା**

**ଏ**ହା ଏକ ଗବେଷଣା ପୁସ୍ତକ । ଏଥିରେ ୪ଟି ବିନ୍ଦୁରେ ଶୁଭେନ୍ଦ୍ରମୋହନ ଶ୍ରୀଚନ୍ଦନସିଂହଙ୍କ ସୃଷ୍ଟିର ଆକଳନ କରାଯାଇଛି । ପ୍ରଥମ ବିନ୍ଦୁରେ ପ୍ରାକ୍‌ଭାଷା, ଓଡ଼ିଆ ସାହିତ୍ୟକୁ ରାଜବଂଶ ଓ ରାଜପୁରୁଷଙ୍କ ଅବଦାନ, ରାଜବଂଶ ପରମ୍ପରାର ଉତ୍ତରଦାୟାଦ ଶ୍ରୀଚନ୍ଦନସିଂହ ରହିଛନ୍ତି । ଦ୍ୱିତୀୟରେ କବିତା ଓ କବି ପ୍ରତିଭା, କ୍ଷୁଦ୍ରଗଳ୍ପରେ ଶିଳ୍ପ ଗୌରବ, ଗବେଷଣା ସମାଲୋଚନା କ୍ଷେତ୍ରରେ ନୂତନ ସ୍ୱାକ୍ଷର, ନାଟକ ଓ ଉପନ୍ୟାସରେ ସୃଷ୍ଟିର କିଛି ଝଲକ ରହିଛି । ତୃତୀୟରେ ଲୋକ କଥାର ସଂକଳକ, ଅନୁବାଦ ଓ ପୁର୍ନଃକଥନ, ପାଠ୍ୟପୁସ୍ତକ ରଚନା, ସଂକଳନ ଓ ସମ୍ପାଦନା ଦାୟିତ୍ୱରେ ସ୍ରଷ୍ଟାଙ୍କ ଭୂମିକା ଆଦି ରହିଛି । ଆଉ ଶେଷରେ ଓଡ଼ିଆ ସାହିତ୍ୟକୁ ଡକ୍ଟର ଶୁଭେନ୍ଦ୍ରମୋହନଙ୍କ ଅବଦାନ: ଏକ ସ୍ୱତନ୍ତ୍ର ଆକଳନ ରହିଛି । ପୁସ୍ତକରେ ଡକ୍ଟର ସ୍ୱାଇଁ ଯେଉଁ ବିଷୟ ଚୟନ କରି ଗବେଷଣା କରିଛନ୍ତି ତାହା ଅତ୍ୟନ୍ତ ଉପଯୋଗୀ ଓ ପରପିଢ଼ି ପାଇଁ ଏକ ଅମୂଲ୍ୟ ସମ୍ପଦ ।



ବ୍ୟାକ୍ ପେଜ୍



# କିଛି ନ କରିବା ପ୍ରତିଯୋଗିତା

ଅନେକେ କହନ୍ତି ଖାଲିରେ ବସିବା ଅପେକ୍ଷା କାଶିବା ଭଲ। ଅର୍ଥାତ୍ ଖାଲିରେ ବସି ନ ରହି କିଛି କାମ କରିବା ଜରୁରୀ। ହେଲେ ଜାଣି ଆଶ୍ଚର୍ଯ୍ୟ ହେବେ ଖାଲି ବସିବା ବି ଏକ କାମ। ଆଉ ଯିଏ ଏହି କାମକୁ ଭଲ ଭାବେ କରିପାରନ୍ତି ତାଙ୍କୁ ପୁରସ୍କାର ବି ମିଳେ। ପ୍ରକୃତ କଥା ହେଲା ଦକ୍ଷିଣ କୋରିଆରେ ଏକ ଅଜବ ପ୍ରତିଯୋଗିତା ଆୟୋଜନ କରାଯାଏ, ଯାହାକୁ ସ୍ପେସ୍ ଆଉଟ୍ ପ୍ରତିଯୋଗିତା କୁହାଯାଏ। ଏଥିରେ ଅଂଶ ଗ୍ରହଣ କରୁଥିବା ପ୍ରତିଯୋଗୀମାନଙ୍କୁ କିଛି କରିବାକୁ ପଡ଼େନି। କେବଳ ଚୁପ୍‌ଚାପ୍ ଖାଲି ବସିବାକୁ ହୁଏ। ଚଳିତ ବର୍ଷ ଏଥିରେ ୪୫୪୭ ଲୋକ ଅଂଶ ଗ୍ରହଣ କରିଥିଲେ। ଯାହାମଧ୍ୟରେ ସୈନିକ, ଟ୍ରେନ ଅପରେଟର୍, ସନ୍ତରଣକାରୀ ଭଳି ଲୋକ ଅଂଶ ଗ୍ରହଣ କରିଥିଲେ। ପୁରା ୯୦ ମିନିଟ ପ୍ରତିଯୋଗୀଙ୍କୁ ସ୍ଥିର ବସିବାକୁ ପଡ଼େ। ଫୋନ୍ ବ୍ୟବହାର କରିବା, କଥାବାର୍ତ୍ତା କରିବା ଆଦି ମନା। ଲୋକଙ୍କ ହାର୍ଟ ରେଟ୍ ଓ ଲୋକଙ୍କ ଭୋଟ ଅନୁସାରେ ବିଜୟୀ ଚୟନ କରାଯାଏ।

# ପଥରରେ ଚିତ୍ରକଳା

ସମୁଦ୍ର ବେଳାଭୂମିରେ ପଡ଼ିଥିବା ପଥର ଉପରେ କାହାର ବା ନଜର ପଡ଼େ। ହେଲେ ଇଟାଲୀର ଷ୍ଟେଫାନୋ ଫୁରଲାନି ଏହି ପଥରକୁ ବେଳାଭୂମିରୁ ଗୋଟାଇ ଆଣନ୍ତୁ ଖୁବ୍ ଯତ୍ନରେ। ଆଉ ସେଥିରେ କରିବସନ୍ତି ସୁନ୍ଦର ସୁନ୍ଦର କଳାକୃତୀ। ଯାହାକୁ ଅନେକେ ଷ୍ଟୋନ୍ ପେଣ୍ଟିଂ ବା ପଥର ଚିତ୍ରକଳା କହନ୍ତି। ତେବେ ନିଜ ଭିତରର ଏହି ପ୍ରତିଭା ସମ୍ପର୍କରେ ସେ ସେତେବେଳେ ଜାଣିଲେ, ଥରେ ଯେବେ ସେ ତିନି ବର୍ଷର ପୁଅ ଡେଭିଡ୍ ସହ ସମୁଦ୍ର କୂଳରେ ଖେଳୁଥିଲେ। ଦୁହେଁ ସମୁଦ୍ରକୂଳରୁ ବିଭିନ୍ନ ଆକୃତିର ପଥର ସଂଗ୍ରହ କରି ବାଲି ଉପରେ ସଜାଡ଼ୁ ସଜାଡ଼ୁ ସୁନ୍ଦର ଆକୃତିମାନ ତିଆରି ହେଲା। ସମୟ ବିତିବା ସହ ଷ୍ଟେଫାନୋ ଓ ତାଙ୍କ ପୁଅ ଏହି କଳାରେ ମାହିର ହୋଇଗଲେ। ବାଲି ଉପରେ ସେମାନେ ଚମତ୍କାର କଳାକୃତୀ କଲେ। ହେଲେ ଦୁଃଖର ବିଷୟ ସେହି କଳାକୃତୀସବୁ କେବେ ସମୁଦ୍ର ପାଣିରେ ଧୋଇ ହୋଇ ତ କେବେ ଲୋକଙ୍କ ପାଦ ତଳେ ଚାପି ହୋଇ ନଷ୍ଟ ହୋଇଯାଉଥିଲା। ତେଣୁ ଷ୍ଟେଫାନୋ ଚିନ୍ତା କଲେ କିଭଳି ସେ ଏହି କଳାକୁ ସ୍ଥାୟୀ କରି ରଖିପାରିବେ। ତେଣୁ







ସେ ହାର୍ଡ କାନ୍‌ଭାସ୍ ଉପରେ ପଥରକୁ ଅଠାଦ୍ୱାରା ଲଗାଇ ସୁନ୍ଦର ଆକୃତିମାନ ତିଆରି କଲେ। ଏହା ଦେଖିବାକୁ ସାଧାରଣ ଲାଗୁଥିଲେ ହେଁ ଏହି ଆର୍ଟକୁ କରିବା ପାଇଁ ବେଶ୍ ଧୈର୍ଯ୍ୟର ଆବଶ୍ୟକତା ପଡ଼େ। ସମାନ ରଙ୍ଗର ବିଭିନ୍ନ ଆକାରର ପଥର ବାଛିବାକୁ ହୁଏ। ତା'ଛଡ଼ା ପୋଷାକ, ଗୋଡ, ହାତ, ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟେଙ୍ଗ ପାଇଁ କିଭଳି ପଥର ଆବଶ୍ୟକ ତାହା ଖୋଜିବାକୁ ହୁଏ। ପଥର ବାଛିବା ପରେ ସେଗୁଡ଼ିକୁ ସଜାଇ ରଖି ତାକୁ ସେ ପେଣ୍ଟିଂର ରୂପ ଦିଅନ୍ତି। ସେଥିପାଇଁ ଗୋଟିଏ ଷ୍ଟୋନ୍ ପେଣ୍ଟିଂକୁ ସମ୍ପୂର୍ଣ୍ଣ କରିବା ଲାଗି ତାଙ୍କୁ ଅନେକ ଦିନ ଲାଗିଯାଏ।

# ଏମିତି ବିବାହ ଯେଉଁଠି ହୁଏ ୮ ଫେରା, ପିନ୍ଧାଯାଏ ଧଳା ପୋଷାକ



ଲାଲରଙ୍ଗର ବିବାହ ଯୋଡା ପିନ୍ଧି, ଅଗ୍ନିକୁ ସାକ୍ଷୀ ରଖି ସାତ ଫେରା ନେଇ ଦୁଇଜଣ ମଣିଷ ସାତଜନ୍ମ ପାଇଁ ବାନ୍ଧି ହୋଇ ଯାଆନ୍ତି। ହିନ୍ଦୁଧର୍ମରେ ବିବାହର ଏହି ରୀତିନୀତି ବେଶ୍ ସୁନ୍ଦର। ହେଲେ ଜାଣି ଆଶ୍ଚର୍ଯ୍ୟ ହେବେ ଭାରତ ପାକିସ୍ତାନ ସୀମାରେ ଥିବା ରାଜସ୍ଥାନର ବାଡମେର ଯାହାକି ନିଜର ରଙ୍ଗିନ ପରମ୍ପରା ଓ ସଂସ୍କୃତି ପାଇଁ ପରିଚିତ, ସେହି ସ୍ଥାନ ଏକ ଅଜବ ବିବାହ ପାଇଁ ବି ବେଶ୍ ପରିଚିତ। ଏଠାରେ ଥିବା ଶ୍ରୀମାଲି ସମାଜର ବିବାହରେ ସାତ ଫେରା ନୁହେଁ ବରଂ ଆଠ ଫେରା ନିଆଯାଏ। ଏହାସହ ବର କନିଆକୁ କୋଳରେ ଉଠାଇ ଚାରି ଫେରା ନିଅନ୍ତି। ଆଉ ଏକ ରୋଚକ କଥା ହେଲା ଏଠାରେ ଲାଲରଙ୍ଗର ଯୋଡା ନୁହେଁ ବରଂ ଧଳାରଙ୍ଗର ବିବାହ ଯୋଡା ପିନ୍ଧିବାକୁ ପ୍ରାଥମିକତା ଦିଆଯାଏ। ଶ୍ରୀମାଲି ସମାଜର ଅଧ୍ୟକ୍ଷ ପଣ୍ଡିତ ସୁରେନ୍ଦ୍ର କୁମାର କହନ୍ତି, ଏହି ପରମ୍ପରା ମହାଭାରତ ସମୟରୁ ପ୍ରେରିତ। ପୌରାଣିକ କଥାନୁସାରେ ରୁକ୍ମଣୀଙ୍କ ବିବାହ ତାଙ୍କ ପିତା ଶିଶୁପାଳଙ୍କ ସହ ନିର୍ଦ୍ଧାରିତ କରିଥିଲେ। ହେଲେ ରୁକ୍ମଣୀ କିନ୍ତୁ ମନେ ମନେ ଶ୍ରୀକୃଷ୍ଣଙ୍କୁ ଭଲ ପାଉଥିଲେ। ପରେ ଶ୍ରୀକୃଷ୍ଣ ରୁକ୍ମଣୀଙ୍କୁ ବିଦର୍ଭରୁ ହରଣ କରି କୋଳରେ ଉଠାଇ ଫେରା ନେଇଥିଲେ। ସେଇ ଘଟଣାରୁ ପ୍ରେରିତ ହୋଇ ବର କନିଆ ଅଗ୍ନି ଚାରିପଟେ ଚାରି ଫେରା ସାଧାରଣଭାବେ ନେବାପରେ ଆଉ ଚାରିଫେରା ବର କନିଆକୁ କୋଳରେ ଉଠାଇ ନିଅନ୍ତି। ଏହି ପରମ୍ପରାକୁ ବରର କନିଆକୁ ସୁରକ୍ଷା ପ୍ରଦାନ କରିବାର ବଚନ ବୋଲି ଧରାଯାଏ। ଏହି ସମାଜରେ ରଙ୍ଗିନ ପୋଷାକ ଖାସ୍‌କରି ଲାଲରଙ୍ଗ ପୋଷାକ ପିନ୍ଧିବା ବର୍ଜିତ। ବରକନିଆ ଧଳାରଙ୍ଗର ବସ୍ତ୍ର ପିନ୍ଧନ୍ତି। ଯାହାକି ପବିତ୍ରତା ଓ ନମ୍ରତାର ପ୍ରତୀକ। ଏଠାକାର ଆଉ ଏକ ଅଜବ କଥା ହେଉଛି କନିଆ ଘୋଡି ଉପରେ ବିବାହସ୍ଥଳକୁ ଆସିଥାଏ। ବାଡ଼ମେର ବ୍ୟତିତ ଜୈସଲମେର, ଫଲୌଦି, ଉଦୟପୁର ଓ ବିକାନେର୍‌ରେ ବି ଏହି ପ୍ରଥା ପ୍ରଚଳିତ।